# Odisha Legislative Assembly

(ଏକାଦଶ ଅଧିବେଶନ )

## ୨୪ ନଭେମ୍ବର ୨୦୨୨

----

[ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି - ଯୋଜନା ଓ ସଂଯୋଜନ - ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା - କ୍ରୀଡା ଓ ଯୁବକଲ୍ୟାଣ - ବାଣିଜ୍ୟ - ପରିବହନ ଜଳ ସମ୍ପଦ ].

ମୋଟ ପ୍ରଶ୍ନର ସଂଖ୍ୟା - 115

----

### ଆନ୍ତଃ ରାଜ୍ୟ ସୀମା ବିବାଦର ସମାଧାନ

1 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆନ୍ତଃ ରାଜ୍ୟ ସୀମା ବିବାଦ ସମାଧାନ ପାଇଁ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି ; ବର୍ତ୍ତମାନ କେଉଁ କେଉଁ ସୀମାନ୍ତ ରାଜ୍ୟ ସହିତ କେତୋଟି ବିବାଦ ଅଛି ଓ କେଉଁ ସ୍ତରରେ ଅଛି କହିବେ କି ; କୋଟିଆ ଗ୍ରାମ ପୁଞ୍ଜ ଅଞ୍ଚଳରେ ଆନ୍ଧ୍ରର ବାରମ୍ବାର ଅନୁ ପ୍ରବେଶ ସହିତ ଲୋକଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଓ ପ୍ରଲୋଭନ ଦେଖାଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି ; ଉତ୍ତର ହଁ ହେଲେ ଏହାକୁ ପ୍ରତିରୋଧ କରିବା ପାଇଁ ସରକାର କି କି ଦୃଢ ପଦକ୍ଷେପ ନେଉଛନ୍ତି କହିବେ କି?

----

### ବୈତରଣୀ ନଦୀରେ Instream Storage Structure ନିର୍ମାଣ

2 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଓ ଯାଜପୁର ଜିଲ୍ଲାର ଚାଷୀଙ୍କୁ ଅଧିକ ଜଳସେଚନର ସୁବିଧା ପାଇଁ ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଆଖୁଆପଦା ଠାରେ ବୈତରଣୀ ନଦୀରେ Instream Storage Structure ନିର୍ମାଣ, ବ୍ୟାରେଜ ନିର୍ମାଣ ଓ ପୁରୁଣା ଆନିକଟର ପୁନଃଉଦ୍ଧାର କରିବା ପାଇଁ ପଦକ୍ଷେପ ନେବେ କି?

----

## ପଡୋଶୀ ରାଜ୍ୟ ଦ୍ୱାରା ବେ-ଆଇନ ଜମି ଦଖଲ

3 **ଶ୍ରୀ ଅନନ୍ତ ଦାସ (ଭୋଗରାଇ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାର କେତୋଟି ଗ୍ରାମ ଏବଂ କେତେ ଜମି ପଡୋଶୀ ରାଜ୍ୟ ବେ-ଆଇନ ଭାବରେ ଦଖଲ କରିଛନ୍ତି ତାହା ଜଣାଇବେ କି; ଏହି ଜମିଗୁଡିକୁ କେବେ survey କରାଯାଇଛି ତାହା ଉଲ୍ଲେଖ କରିବା ସହିତ ଉକ୍ତ ଜମିଗୁଡିକୁ କେବେ ଦଖଲମୁକ୍ତ କରାଯିବ ତାହା ଜଣାଇବେ କି ଓ କୋଟିଆ ଗ୍ରାମରେ କେଉଁ ପ୍ରଦେଶର ଲୋକମାନେ ଜବର ଦଖଲ କରିଛନ୍ତି ତାହା ଜଣାଇବେ କି?

----

## ସମୁଦ୍ରତଟ ସୁରକ୍ଷା ପାଇଁ ପଦକ୍ଷେପ

4 **ଶ୍ରୀ ଅନନ୍ତ ଦାସ (ଭୋଗରାଇ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗତ 5 ବର୍ଷ ମଧ୍ୟରେ କେତେ ଜମି ସମୁଦ୍ରରେ ଲିନ ହୋଇଛି ଏବଂ ଏହାର ପ୍ରତିକାର ପାଇଁ ତଟ ସୁରକ୍ଷା ଉଦ୍ଦେଶ୍ୟରେ କଣ ପଦକ୍ଷେପ ନିଆଯାଇଛି ତାହା ଜଣାଇବେ କି ; ସମୁଦ୍ରରେ ଥିବା ବରଫ ଖଣ୍ଡ ତରଳିବା ଯୋଗୁଁ ସମୁଦ୍ରର ଜଳପତନ କେତେ ବଢିଛି ଏବଂ ତଟ ସୁରକ୍ଷା କରିବା ପାଇଁ କଣ ବ୍ୟବସ୍ଥା କରାଯାଇଛି ତାହା ଜଣାଇବେ କି?

----

## ରାଜ୍ୟରେ ଥିବା ଜଳଚର ଓ ଗୋଚର ଜମି

5 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତେ ପରିମାଣରେ ସରକାରୀ ଜମି ଜଳଚର ଓ ଗୋଚର ସହିତ ଅନ୍ୟ କିସମର ଜମି Encroachment ହୋଇଥିବା ସତ୍ୟ କି ; ଏ ଦିଗରେ ଉକ୍ତ ଜମିକୁ ବିଭାଗ ନିଜ ହାତକୁ ଆଣି ବିଭିନ୍ନ ଉନ୍ନୟନ ଯୋଜନାରେ ଲଗାଇବା ପାଇଁ ଉଦ୍ୟମ କରିବେ କି?

----

## Mini Stadium ଓ Open Gym ର ବ୍ୟବସ୍ଥା

6 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୂତନ କ୍ରୀଡା ନୀତିରେ ପ୍ରତ୍ୟେକ Zilla Parishad Zone ରେ Mini Stadium ଓ Open Gym ର ବ୍ୟବସ୍ଥା ପର୍ଯ୍ୟାୟ କ୍ରମେ କରିବା ପାଇଁ କ୍ରୀଡା ନୀତିରେ ଅନ୍ତଃର୍ଭୁକ୍ତ କରିବେ କି ?

----

## Lower Indra ଜଳସେଚନ ପ୍ରକଳ୍ପ ଦ୍ୱାରା ଜମି ଜଳସେଚନ

7 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) Lower Indra ଜଳସେଚନ ପ୍ରକଳ୍ପରେ ଖରିପ ଓ ରବିରେ ମୋଟ କେତେ Hector ଜମି ଜଳସେଚିତ ହେବ ଏବଂ କେତେ ଗୋଟି ପଂଚାୟତକୁ ଜଳ ସେଚିତ କରିବ ପଚାୟତର ନାମ ସହ ଜଳ ସେଚିତ ପରିମାଣର ଗୋଟିଏ ତାଲିକା ପ୍ରଦାନ କରିବେ କି, (ଖ) ଏହି Lower Indra ପ୍ରକଳ୍ପ କେଉଁ ମସିହାରେ ଆରମ୍ଭ ହେଲା ଏବଂ ସେହି ସମୟରେ ତାର ଅଟକଳ କେତେ ଥିଲା ଓ ସଂପୂର୍ଣ୍ଣ ହେଲାବେଳେ (Complete ସମୟରେ ) ଏହାର ଅଟକଳ କେତେ ଥିଲା, (ଗ) ରବିରେ ଚାଷୀମାନେ ଜଳ ସେଚନ ପାଇଁ ପାଣି ନ ପାଇବାର କାରଣ କଣ ?

----

## BIJU KBK ଦ୍ୱାରା ଅନୁଦାନ ପ୍ରଦାନ

୪ **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟ ସରକାର BIJU KBK ଯୋଜନାରେ KBK ଜିଲ୍ଲାମାନଙ୍କୁ ପ୍ରତିବର୍ଷ State Sector ଓ ଜିଲ୍ଲା Sector ରେ କେତେ ଅନୁଦାନ Block ୱାରୀ ଦିଅନ୍ତି, ଏବଂ ଏହାର କାର୍ଯ୍ୟକାରିତାର ନୀତି ନିୟମ କଣ, (ଖ) ବଲାଙ୍ଗିର ଜିଲ୍ଲାରେ BIJU KBK ଯୋଜନାର State Sector ରେ ପ୍ରକଳ୍ପ ୱାରୀ ଅନୁଦାନ ରାଶି ବଣ୍ଟନରେ ଅନିୟମିତତା ହେଉଥିବା ଏବଂ ଠିକ୍ ସମୟରେ ପ୍ରଶାସନ ଦ୍ୱାରା ଅନୁଦାନ State Sector ଅନୁଦାନ ବଣ୍ଟନ ନ ହେଉଥିବା କଥା ଜାଣନ୍ତି କି, ସରକାର BJU KBK ଯୋଜନାର State Sector ଓ District Sector ର ଅନୁଦାନ ଠିକ୍ ସମୟରେ Allotment ଦେବେ କି ?

----

## ଦୁର୍ବଳ ନଦୀ ବନ୍ଧର ମରାମତି

୨ **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତୋଟି ନଦୀ ବନ୍ଧ ଦୁର୍ବଳ ଅବସ୍ଥାରେ ଅଛି କେତୋଟି ନଦୀବନ୍ଧ ମରାମତି ଚାଲିଛି ଓ ସେଥିପାଇଁ କେତେ ଅର୍ଥର ବ୍ୟୟ ବରାଦ ପାଇଁ ବ୍ୟବସ୍ଥା ଅଛି କହିବା ସହ କେଉଁ କେଉଁ ନଦୀବନ୍ଧ ମରାମତି ହେଉଛି ଓ ଆଉ କେଉଁ ନଦୀ ବନ୍ଧ ମରାମତିର ଆବଶ୍ୟକତା ଅଛି, ଉତ୍ତର ରଖିବେ କି, କେତେ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ନଦୀବନ୍ଧ ପୁରଣ କରିଥିଲେ ମରାମତି ଆବଶ୍ୟକ ସରକାର ଜଣାଇବେ କି ?

----

## ଲଘୁ ଖଣିଜ ପଦାର୍ଥରୁ ରାଜସ୍ୱ ଆୟ

10 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରୁ ପ୍ରତିବର୍ଷ କେତେ ବାଲି କେତୋଟି ବାଲିଘାଟ ନିଲାମରୁ ଚାଲାଣ ହେଉଛି ଓ ସେ ବାବଦକୁ ବାର୍ଷିକ ହାରାହାରି କେତେ ରାଜସ୍ୱ ଆସୁଛି ଉତ୍ତର ଦେବା ସଙ୍ଗେ ସଙ୍ଗେ 2022 ଜାନୁଆରୀ 1 ତାରିଖରୁ ଆଜି ପର୍ଯ୍ୟନ୍ତ କେତେ କେତେ ଲଘୁ ଖଣିଜ ପଦାର୍ଥ କେଉଁ କେଉଁ ଲଘୁ ଖଣିଜ ପଦାର୍ଥ କେତେ ପରିମାଣରେ ବିକ୍ରି ହୋଇଛି, କେତେ ରାଜସ୍ୱ ଆସିଛି ତାର ସଂପୂର୍ଣ୍ଣ ବିବରଣୀ ଦେବେକି?

----

## ସ୍ଥାୟୀ ଜମିପଟ୍ଟା ପ୍ରଦାନ

11 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କେନ୍ଦ୍ରାପଡା ଜିଲ୍ଲା ରାଜନଗର ତହସିଲ ଅନ୍ତର୍ଗତ ଭେବଟା ଗ୍ରାମରେ ବସବାସ କରୁଥିବା 5 ଶହ ପରିବାର ଦୀର୍ଘ 60 ବର୍ଷ ଧରି ରହି ଆସୁଥିଲେସୁଦ୍ଧା ସେମାନଙ୍କ ନାମରେ ନିଜ ବାସସ୍ଥାନ ଜମି ଆଜିଯାଏ ସ୍ଥାୟୀ ପଟ୍ଟା ମିଳିନପାରିବା କାରଣ କଣ, ଉକ୍ତ ଗ୍ରାମରେ ବାସକରୁଥିବା ଜନଜାତି ସଂପ୍ରଦାୟ ଓ ଅନ୍ୟାନ୍ୟ ଜାତିର ଅଧିବାସୀମାନଙ୍କ ଜମିଜମାର ସ୍ଥାୟୀ ବନ୍ଦୋବସ୍ତ କରାଯାଇ କେବେ ସେମାନଙ୍କୁ ଘରବାରୀ ପଟ୍ଟା ପ୍ରଦାନ କରାଯିବ?

----

## ହୀରାକୁଦ ଜଳଭଣ୍ଡାର ଜଳଧାରଣ କ୍ଷମତା

12 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ହୀରାକୁଦ ଜଳଭଣ୍ଡାରର ଏବେ ଜଳଧାରଣ କ୍ଷମତା କେତେ, ଏହି ବନ୍ଧ ନିର୍ମାଣ ସମୟରେ ତାହାର ଜଳଧାରଣ କ୍ଷମତା କେତେ ଥିଲା, ହୀରାକୁଦ ଜଳଭଣ୍ଡାରରୁ ଶେଷଥର ପାଇଁ କେବେ ପଟୁ ସଫା ହୋଇଥିଲା?

----

## ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଦ୍ୱାରା ଲାଭ

13 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇଲେ ଗାଡି ମାଲିକଙ୍କୁ କିପ୍ରକାର ଲାଭ ମିଳିବ, ଏହି ନମ୍ବର ପ୍ଲେଟ୍ ଲଗାଯାଇଥିବା ଗାଡିଚୋରି ହେଲେ ତାହାକୁ ଠାବ କରିବାରେ କିଛି ସୁବିଧା ଅଛିକି, ଯଦି ହଁ ତେବେ ତାହା କଣ ଦର୍ଶାଇବେ, ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ପାଇଁ କେତୋଟି ସଂସ୍ଥା ରାଜ୍ୟରେ କାର୍ଯ୍ୟ କରୁଛନ୍ତି, ବର୍ତ୍ତମାନସୁଦ୍ଧା ରାଜ୍ୟର ଗାଡିମାଲିକଙ୍କ ଠାରୁ କେତେ ଟଙ୍କା ନେଲେଣି ଓ ଟିକସ ବାବଦରେ ରାଜ୍ୟ ସରକାର କେତେ ଟଙ୍କା ପାଇଛନ୍ତି?

----

## ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଥିବା ନିର୍ବାଚନ ମଣ୍ଡଳୀ

14 **ଶ୍ରୀ ସୁର୍ଯ୍ୟବଂଶୀ ସୁରଜ (ଧାମନଗର):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ମାନ୍ୟବର ମୁଖ୍ୟମନ୍ତ୍ରୀ କେଉଁ କେଉଁ ନିର୍ବାଚନ ମଣ୍ଡଳୀର ବିକାଶ ଦାୟିତ୍ୱ ନିଜେ ନେବେ ବୋଲି ଘୋଷଣା କରିଥିଲେ ; ଘୋଷଣା ଅନୁଯାୟୀ କେଉଁ ନିର୍ବାଚନ ମଣ୍ଡଳୀର ଦାୟିତ୍ୱ ମୁଖ୍ୟମନ୍ତ୍ରୀ ନେବା ପରଠାରୁ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀରେ କି କି ବିକାଶ କାର୍ଯ୍ୟ କରାଯାଇଛି ଓ କେତେ ଅର୍ଥ ବ୍ୟୟ କରାଯାଇଛି ତାର ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି ; ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଥିବା ନିର୍ବାଚନ ମଣ୍ଡଳୀ ଓ ସ୍ୱତନ୍ତ୍ରଭାବେ ଦାୟିତ୍ୱ ନେଇଥିବା ନିର୍ବାଚନ ମଣ୍ଡଳୀର ମୁଣ୍ଡପିଛା ବ୍ୟୟଭାର 2020- 21 ଓ 2021 - 22 ବର୍ଷରେ କେତେ ଥିଲା ତାର ଏକ ବିବରଣୀ ପ୍ରଦାନ କରିବେ କି ?

----

## ଭୂମିହୀନ ପରିବାର ସଂଖ୍ୟା

15 **ଶ୍ରୀ ସୁର୍ଯ୍ୟବଂଶୀ ସୁରଜ (ଧାମନଗର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡ଼ିଶାରେ କେତେ ଭୂମିହୀନ ପରିବାର ଅଛନ୍ତି ଏହି ବାସହୀନ ଲୋକମାନଙ୍କ ଥଇଥାନ କରିବା ଦିଗରେ ସରକାରଙ୍କ ନୀତି କଣ; ଏହି ନୀତି କାର୍ଯ୍ୟକାରୀ ହେଉଛି କି ; ଯଦି କାର୍ଯ୍ୟକାରୀ ହେଉଛି ତେବେ ଭୁବନେଶ୍ୱର ମହାନଗର ନିଗମ ଭଳି ସହରାଞ୍ଚଳର ତଳିଆ ସ୍ଥାନ, ସେତୁ ସ୍ଥଳେ ଓ ରାସ୍ତାକଡ଼ରେ ରାତ୍ରିଯାପନ କରୁଥିବା ଦେଖିବାକୁ କାହିଁକି ମିଳୁଛି; ସରକାରଙ୍କ ପକ୍ଷରୁ ବାସହୀନ ଲୋକଙ୍କ ସଂଖ୍ୟା ସମ୍ପର୍କରେ ସର୍ଭେ କରାଯାଇଛି କି ; ଏହି ବାସହୀନ ଲୋକଙ୍କୁ ବାସଗୃହ ଯୋଗାଇ ଦେବାପାଇଁ ପଦକ୍ଷେପ ନିଆଯାଇଛି କି ; ଯଦି ଯୋଗାଇ ଦିଆଯାଇଛି ତେବେ ଭୁବନେଶ୍ୱର ସମେତ ଓଡ଼ିଶାର ସମସ୍ତ ସହରାଞ୍ଚଳର ବିବରଣୀ ପ୍ରଦାନ କରିବେ କି ?

----

## ବେଆଇନ ଲଘୁ ଖଣିଜ ପଦାର୍ଥ ଖନନ

16 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- 2013-14 ବର୍ଷରୁ ରାଜ୍ୟରେ ନିର୍ମାଣ ହୋଇଥିବା ବିଭିନ୍ନ ରାସ୍ତା ଓ ସେତୁ ପ୍ରକଳ୍ପ ମାନଙ୍କରେ ବ୍ୟବହୃତ ଲଘୁ ଖଣିଜ ପଦର୍ଥ ମଧ୍ୟରୁ କି କି ଲଘୁ ଖଣିଜ ପଦାର୍ଥ କେତେ ପରିମାଣର ବେଆଇନ ଖନନ କରାଯାଇ ବିନା ଟ୍ରାନଜିଟ ଫର୍ମରେ ସୈରାତରୁ ଚାଲାଣ କରାଯାଇଛି ତାର ଜିଲ୍ଲାୱାରୀ / ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି ; ଅବୈଧ ଭାବେ ତଥା ବିନା ଟ୍ରାନଜିଟ ଫର୍ମରେ ପରିବହନ କରି ଜାତୀୟ ରାଜପଥ ପ୍ରକଳ୍ପରେ ଉପଯୋଗ କରିଥିବା ଲଘୁ ଖଣିଜ ପଦାର୍ଥର ଯାଞ୍ଚ ବ୍ୟବସ୍ଥା କରାଯାଇଛି କି; ଯଦି କରାଯାଇଛି ତା'ର ସବିଶେଷ ପ୍ରକଳ୍ପୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ବେ- ଆଇନ ଲଘୁ ଖଣିଜ ପରିବହନକୁ ରୋକିବା

17 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ବିଭିନ୍ନ ଲଘୁ ଖଣିଜ ସୈରାତରୁ ଅବାଧରେ ଚୋରୀ ହେଉଥିବା ଓ ବେଆଇନ ଉତ୍ତୋଳନ ଓ ପରିବହନକୁ ଅନୁଧ୍ୟାନ ତଥା ଯାଞ୍ଚ କରିବା ନିମନ୍ତେ ଡ୍ରୋନ କ୍ୟାମେରା ମାଧ୍ୟମରେ ପେଟ୍ରୋଲିଂ କରିବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି କି; ଯଦି କରିଛନ୍ତି ତେବେ କେବେଠାରୁ କରିଛନ୍ତି ତାର ରୂପରେଖ ସମ୍ପର୍କରେ ଅବଗତ କରିବେ କି; ଯଦି କରିନାହାନ୍ତି ତେବେ ବେଆଇନ ଉତ୍ତୋଳନ ଓ ପରିବହନ ବନ୍ଦ କରିବାପାଇଁ କି କି ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳ ଉପଯୋଗ କରିଛନ୍ତି କିମ୍ବା ଅନ୍ୟ କି କି ବିକଳ୍ପ ବ୍ୟବସ୍ଥା କରିଛନ୍ତି ତାହା ପ୍ରକାଶ କରିବାସହ ସମ୍ପୃକ୍ତ ବିକଳ୍ପ ବ୍ୟବସ୍ଥା ଉପଯୋଗ ଯୋଗୁଁ ବିଗତ ୩ ବର୍ଷ ମଧ୍ୟରେ କେଉଁ ବର୍ଷ କେତେ ପ୍ରତିଶତ ବେଆଇନ ଉତ୍ତୋଳନ ପରିବହନକୁ ରୋକାଯାଇପାରିଛି ତାହା ପ୍ରକାଶ କରିବେ କି ?

----

## କୋଟିଆ ଗ୍ରାମର ସ୍ଥାୟୀ ସମାଧାନ

18 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମ ପୁଞ୍ଜ ଉପରେ କ୍ରମାଗତ ଭାବେ ଆନ୍ଧ୍ର ସରକାର ଆଧିପତ୍ୟ ଜାହିର କରିଆସୁଛନ୍ତି କି; ତାହାକୁ ବିଫଳ କରିବାପାଇଁ ସରକାର କି କି ପଦକ୍ଷେପ ନେଉଛନ୍ତି; ବର୍ତ୍ତମାନ ସୁଦ୍ଧା ନିଆଯାଇଥିବା ପଦକ୍ଷେପ ବିଫଳ କି; (ଖ) କେତେ ବର୍ଷ ହେଲା କୋଟିଆ ବିବାଦ ସୃଷ୍ଟି ହୋଇଛି ଓ ଏହାର ସ୍ଥାୟୀ ସମାଧାନ ନିମନ୍ତେ ସରକାର କି ପଦକ୍ଷେପ ନେଉଛନ୍ତି ?

----

## ପୋଲାଭରମ ପ୍ରଦୂଷଣ ପ୍ରକଳ୍ପର ସ୍ଥିତି

19 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବର୍ତ୍ତମାନ ପୋଲାଭରମ ପ୍ରକଳ୍ପର ସ୍ଥିତି କଣ; ଏହାର ନିର୍ମାଣ ଚାଲୁ ଅଛି ନା ବନ୍ଦ ଅଛି; ଓଡ଼ିଶା ସରକାର ଏହାକୁ କି ପ୍ରକାର ବିରୋଧ କରୁଛନ୍ତି; ଏହି ପ୍ରକଳ୍ପ ଦ୍ୱାରା ମାଲକାନଗିରି ଜିଲ୍ଲା କେତେ ଦୂର ପ୍ରଭାବିତ / କ୍ଷତିଗ୍ରସ୍ତ ହେବ; ଚଳିତ ବର୍ଷ ଏହାର ପ୍ରାକ ସୂଚନା ମିଳିସାରିଛି କି; କେତେ ପରିବାର ସ୍ଥାନାନ୍ତର ହେବେ ଏବଂ କେତେ ଅଞ୍ଚଳ ବୁଡ଼ିଯିବ ?

----

## ଟାଙ୍ଗୀ ଠାରେ ତହସିଲ ଅଫିସ ନିର୍ମାଣ

20 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାର ଟାଙ୍ଗୀ ତହସିଲ କାର୍ଯ୍ୟାଳୟ ଟାଙ୍ଗୀ ବଦଳରେ କଟକ ମହାନଗର ନିଗମର ଜଗତପୁର ଠାରେ ଅବସ୍ଥିତ ଥବାରୁ ସୁଦୂର ଅଞ୍ଚଳର ଲୋକ ନିଜ ଜମିଜମା କାର୍ଯ୍ୟପାଇଁ ବହୁତ ଦୂର ଆସିବାକୁ ପଡୁଥିବାରୁ ଟାଙ୍ଗୀ ତହସିଲକୁ ଜଗତପୁର ବଦଳରେ ଟାଙ୍ଗୀ ଠାରେ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

## ତ୍ରିକୋଣ ଭୂମିରୁ ଜଳ ନିଷ୍କାସନ

21 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମହାନଦୀ ତ୍ରିକୋଣଭୂମି ଅଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପାଦନ ସହ ଏହି ଅଞ୍ଚଳକୁ ଶୂନ୍ୟ ଜଳପ୍ଲାବନ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ରାଜସ୍ୱ ନିରୀକ୍ଷକଙ୍କ ନିଜସ୍ୱ ଗୃହ ନିର୍ମାଣ

22 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ଜିଲ୍ଲାର କେଉଁ କେଉଁ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ନିଜସ୍ୱ ଗୃହ ନାହିଁ ପ୍ରକାଶ କରି ପ୍ରତ୍ୟେକ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ନିଜସ୍ୱ ଗୃହ ନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ମହାନଦୀ ଓ ବିରୂପା ମଧ୍ୟବର୍ତ୍ତୀ ଅଞ୍ଚଳରୁ ଜଳ ନିଷ୍କାସନ

23 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ମହାନଦୀ ତଟବର୍ତ୍ତୀ ଅଞ୍ଚଳ, ମହାନଦୀ ଓ ବିରୂପା ମଧ୍ୟବର୍ତ୍ତୀ ଅଞ୍ଚଳର କେଉଁ ଅଞ୍ଚଳ ଜଳପ୍ଲାବିତ ହୋଇଥିବା ସରକାର ସର୍ବେକ୍ଷଣ କରିଛନ୍ତି, ଏହି ଅଞ୍ଚଳରୁ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ପୂର୍ବକ ଶୂନ୍ୟ ଜଳପ୍ଲାବନ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସ୍ଥାୟୀ ବନ୍ୟା ନିୟନ୍ତ୍ରଣ

24 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନି ବର୍ଷରେ ଭଦ୍ରକ ଜିଲ୍ଲାରେ କେଉଁ କେଉଁ ନଦୀରେ କେତେଥର ବନ୍ୟା ହୋଇ କେତେ ଅଞ୍ଚଳ କ୍ଷୟକ୍ଷତି ହୋଇଛି ପ୍ରକାଶ କରି ବନ୍ୟା ସମ୍ବେଦନସ୍ଥଳ ଚିହ୍ନଟ କରି ଜିଲ୍ଲାରେ ସ୍ଥାୟୀ ବନ୍ୟା ନିୟନ୍ତ୍ରଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## କଲେଜ ଅଧିକୃତ ଜମିକୁ କଲେଜ ନାମରେ ହେବା

25 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣପୁର NACରେ ଥିବା ରଣପୁର କଲେଜ ଅଧିକୃତ ଖେଳପଡ଼ିଆ ଜମିର ପଟ୍ଟା କଲେଜ ନାମରେ ହୋଇନଥିବା କାରଣରୁ ସେଠାରେ Estimate ଅନୁସାରେ multiple stadium ନିର୍ମାଣ ହୋଇ ପାରୁନାହିଁ, ଖେଳ ପଡ଼ିଆ ଉଦ୍ଦେଶ୍ୟରେ କଲେଜ ଅଧିକୃତ ସରକାରୀ ଜମିକୁ କଲେଜ ନାମରେ ପଟ୍ଟା କରିବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରିବେ କି ?

----

## ମାନଜୋର ଜଳସେଚନ ପ୍ରକଳ୍ପ ଦ୍ୱାରା ଜମିକୁ ଜଳ ସେଚନ

26 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ)ː**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ମାନଜୋର୍ ଜଳସେଚନ ପ୍ରକଳ୍ପରୁ ଅଦ୍ୟାବଧି କେତେ ହେକ୍ଟର ଜମିକୁ ଜଳସେଚନର ସୁବିଧା ପ୍ରଦାନ କରାଯାଇଛି, କେନାଲ୍ ବ୍ୟବସ୍ଥା ସମ୍ପ୍ରସାରଣ ସହିତ ଅଧିକ ଜମିକୁ ଜଳସେଚନର ସୁବିଧା ଯୋଗାଇ ଦେବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଖୋର୍ଦ୍ଧା ବଲାଙ୍ଗିର ରେଳପଥ ପାଇଁ ଜମି ଅଧିଗ୍ରହଣ

27 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା)ː**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଖୋର୍ଦ୍ଧା ବଲାଙ୍ଗିର ରେଳପଥ ପ୍ରକଳ୍ପର ଆବଶ୍ୟକତା ପାଇଁ ଦରକାର ପଡୁଥିବା ଜମି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା କେତେ ଜମି ଅଧିଗ୍ରହଣ କରାଯାଇଛି ଏବଂ ଅବଶିଷ୍ଟ ଜମିକୁ ଅଧିଗ୍ରହଣ କରିବା ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି, ତାର ଏକ ସବିଶେଷ ବିବରଣୀ ଉପସ୍ଥାପନ କରିବେ କି ?

----

## କ୍ଷତିଗ୍ରସ୍ତ ଲୋକମାନଙ୍କୁ ସମ୍ମାନର ସହ ଉଚ୍ଛେଦ

28 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା)ː**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଲୋୟର ସୁକତେଲ ପ୍ରକଳ୍ପ ଅଞ୍ଚଳର କ୍ଷତିଗ୍ରସ୍ତ ଆଦିବାସୀମାନଙ୍କୁ Forest Right Act. ଅନୁଯାୟୀ ପ୍ରଥମେ ଜମି ସହ ROR ନ ଦେଇ ବିସ୍ଥାପିତ କରିବାର ଅଭିଯୋଗ, କ୍ଷତିଗ୍ରସ୍ତ ଲୋକମାନଙ୍କ ସମ୍ମୁଖରେ କ୍ଷତିଗ୍ରସ୍ତ ସମ୍ପତିର survey ଓ ମୂଲ୍ୟାୟନ ନ କରି, Long term fruit bearing ଗଛମାନଙ୍କର value ଅତ୍ୟନ୍ତ lower side (ମହୁଲଗଛ ୫ ବର୍ଷ) ରେ ସ୍ଥିର କରି ଦୀର୍ଘବର୍ଷରୁ ରହିଆସୁଥିବା ନିଜ ଭିଟାମାଟିର ପ୍ରକଳ୍ପ ଅଞ୍ଚଳର କ୍ଷତିଗ୍ରସ୍ତ ଲୋକମାନଙ୍କୁ ସମ୍ମାନର ସହ ପ୍ରଶାସନ ଉଚ୍ଛେଦ କରୁନଥିବା ଅଭିଯୋଗ ଉପରେ ସରକାରଙ୍କ ମତାମତ ଉପସ୍ଥାପନ କରିବେ କି, (ଖ) ଲୋୟର ସୁକତେଲ ପ୍ରକଳ୍ପ ଅଞ୍ଚଳର ପ୍ରଭାବିତ ଗ୍ରାମମାନଙ୍କରେ ଥିବା କେଉଁ କେଉଁ ଅଙ୍ଗନୱାଡୀ କେନ୍ଦ୍ର ସହ ଅନ୍ୟାନ୍ୟ ସରକାରୀ ଅଫିସ ବନ୍ଦ ହେବ, ଗ୍ରାମୱାରୀ ତାର ତାଲିକା ଦେବେ କି, ଏହି ସରକାରୀ ଅଫିସ ବନ୍ଦ ହେଲେ କ୍ଷତିଗ୍ରସ୍ତ ଅଙ୍ଗନୱାଡୀ କେନ୍ଦ୍ରର କର୍ମଚାରୀଙ୍କ ସମେତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ତାଲିକା ଦେବା ସହ ସେମାନଙ୍କ ଥଇଥାନ ପାଇଁ ସରକାର କେଉଁ ପ୍ରକାର ବ୍ୟବସ୍ଥା କରିଛନ୍ତି, ସବିଶେଷ ବିବରଣୀ ଦେବେ କି ?

----

## ବୃହତ, ମଧ୍ୟମ ଓ କ୍ଷୁଦ୍ର ପ୍ରକଳ୍ପଦ୍ୱାରା ଜଳସେଚନ

29 **ଶ୍ରୀ ଭାସ୍କର ମଢେଇ (ଉଦଳା)ଃ**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଜଳସମ୍ପଦ ବିଭାଗଦ୍ୱାରା ବୃହତ, ମଧ୍ୟମ, କ୍ଷୁଦ୍ର, ଉଠାସେଚ ପ୍ରକଳ୍ପ ମେଗା ସେଚ ପ୍ରକଳ୍ପ ମାଧ୍ୟମରେ କେତେ ହେକ୍ଟର ଜମିକୁ ପାଣି ଯୋଗାଇବା ପାଇଁ ବ୍ୟବସ୍ଥା ହୋଇଛି, କେଉଁ କେଉଁ ପ୍ରକଳ୍ପ ପାଇଁ କେତେ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି, ଓଡିଶା କୃଷି ଶିଳ୍ପ ନିଗମ ଅଧିନରେ କେତୋଟି ପ୍ରକଳ୍ପ ଆରମ୍ଭ ହୋଇନାହିଁ ଓ କେତୋଟି ମନ୍ଥର ଗତିରେ ଚାଲିଛି କେଉଁ କାର୍ଯ୍ୟାନୁୟନ ସଂସ୍ଥା ତ୍ୱରାନ୍ୱିତ କରୁଛି ତାର ତଥ୍ୟ ଦେବେ କି ?

----

## ଜଗନ୍ନାଥ ରୟତ ମାନଙ୍କ ଜମିର ସ୍ଥିତି

30 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- 2୫.10.2021 ରେ ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜସ୍ୱ ସଚିବ, ଆଇନ ସଚିବଙ୍କ ଉପସ୍ଥିତିରେ ଜଗନ୍ନାଥ ଏବଂ ରୟତମାନଙ୍କ ଦ୍ୱାରା ଲାଗିରହିଥିବା ପୈତୃକ ସମ୍ପତ୍ତି ସମ୍ବନ୍ଧିୟ ବିବାଦର ସମାଧାନ ପାଇଁ ନିଷ୍ପତ୍ତି ହୋଇଥିଲା, ତାହା କେତେ ଅଗ୍ରଗତି ହୋଇଛି ବିବରଣୀ ରଖିବେ କି ?

----

## ସରକାରୀ ଜମି ଜବରଦଖଲ ମୁକ୍ତ

31 **ଶ୍ରୀ ନରସିଂହ ମିଶ୍ର (ବଲାଙ୍ଗୀର )ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ସରକାରୀ ଜମି ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ବିଧାନସଭାରେ ପାରିତ ହୋଇଥିବା ବିଲ୍ ର ସ୍ଥିତି କ'ଣ, ଏକ ସମୟରେ ସରକାର ପ୍ରତିଶୃତି ଦେଇଥିଲେ ଯେ, ଜବରଦଖଲକାରୀଙ୍କୁ ଜେଲ୍ ପଠାଇବେ କିନ୍ତୁ ତା ପରିବର୍ତ୍ତେ ସରକାରୀ ଜମି ଜବରଦଖଲକୁ ପ୍ରୋତ୍ସାହିତ କରୁଛନ୍ତି କି, ଏ ବାବଦରେ ନୀତି ବଦଳାଇ ଦେଲେ କି ; ଏବଂ (ଖ) ରାଜ୍ୟରେ ଗଲା 10 ବର୍ଷରେ ସରକାରୀ ଜମି ଦଖଲକାରୀମାନଙ୍କୁ ଉଚ୍ଛେଦ କରିବା ପାଇଁ କେତେ ଜବରଦଖଲ କେଶ୍ କରି କରାଯାଇଛି ଓ ତନ୍ମଧ୍ୟରୁ କେତେ ଫଇସଲା ହୋଇଛି, ଏ ବାବଦରେ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ଘର ପୋଡିଥିବା ପରିବାରଙ୍କୁ ଥଇଥାନ ବ୍ୟବସ୍ଥା

32 **ଶ୍ରୀ ମୁକେଶ କୁମାର ପାଲ (ପାଲହରା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 2021-22 ରେ ରାଜ୍ୟରେ କେତୋଟି ଘର ପୋଡି ହୋଇଥିଲା ଏବଂ ସେ ଘର ପୋଡିଥିବା ପରିବାର ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ଏବଂ ଯେଉଁ ଘର ସମ୍ପୂର୍ଣ୍ଣ ପୋଡିଯାଇଛି ସେ ପରିବାରର ଥଇଥାନ ବ୍ୟବସ୍ଥା କିପରି କରୁଛନ୍ତି ସେ ତଥ୍ୟ ପ୍ରଦାନ କରିବେ କି ?

----

## ବରମୁଣ୍ଡା ଆନ୍ତରାଜ୍ୟ ବସ ଟର୍ମିନାଲ ନିର୍ମାଣ

33 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବରମୁଣ୍ଡା ଆନ୍ତରାଜ୍ୟ ବସ ଟର୍ମିନାଲ ନିର୍ମାଣ କାର୍ଯ୍ୟ ମନ୍ଥର ହେବାର କାରଣ କ'ଣ ; ଏଠାରୁ କେତେ ସଂଖ୍ୟକ ବସ ଦୈନିକ ଚଳାଚଳ କରିବାର ପ୍ରସ୍ତାବ ଅଛି ; ଏହି ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ କେତେ ଅର୍ଥର ଆବଶ୍ୟକତା ଅଛି ଓ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ?

----

## ଯୋଜନାଗୁଡିକ ସମ୍ପର୍କରେ ସୂଚନା

34 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାର ରାଜ୍ୟରେ କାର୍ଯ୍ୟକାରୀ କରୁଥିବା ଯୋଜନା ଗୁଡିକ ସମ୍ପର୍କରେ ସୂଚନା ଦେବା ସହିତ ଏ ବାବଦରେ ବଜେଟରେ କେତେ ଅର୍ଥ ବରାଦ କରିଛନ୍ତି ଯୋଜନାୱାରୀ କହିବେ କି?

----

## କାନପୁର ଡ୍ୟାମ ଓ ଆନନ୍ଦପୁର ବ୍ୟାରେଜ ନିର୍ମାଣ

35 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କାନପୁର ଡ୍ୟାମ ଓ ଆନନ୍ଦପୁର ବ୍ୟାରେଜ ନିର୍ମାଣ କାର୍ଯ୍ୟ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ ; ଏହି ଦୁଇ ପ୍ରୋଜେକ୍ଟ ପାଇଁ କେତେ ଅର୍ଥ ବରାଦ କରାଯାଇଥିଲା ଓ ବର୍ତ୍ତମାନ ଏହି ଖର୍ଚ୍ଚର ପରିମାଣ କେତେରେ ପହଞ୍ଚିଛି ; ଏହି ଦୁଇ ପ୍ରୋଜେକ୍ଟ ସମ୍ପୂର୍ଣ୍ଣ ହେଲେ କେତେ ହେକ୍ଟର ଚାଷ ଜମି ଅଧିକ ଜଳସେଚିତ ହୋଇପାରିବ ; ବୈତରଣୀ ନଦୀର ବନ୍ୟା ନିୟନ୍ତ୍ରଣ ପାଇଁ ଏହି ଦୁଇ ପ୍ରକଳ୍ପ କେତେ ସହାୟକ ହେବ କହିବେ କି?

----

## ବନ୍ଧ ସୁଦୃଢୀକରଣ

36 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ)ଃ**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବୈତରଣୀ ନଦୀର ବାମ ପାର୍ଶ୍ୱ ବନ୍ଧ ଭଦ୍ରକ ଜିଲ୍ଲା ଅନ୍ତର୍ଗତ ବଳିପୁରଠାରୁ ଆରମ୍ଭ କରି ମଣୀନାଥପୁର-ଚାନ୍ଦବାଲି ପର୍ଯ୍ୟନ୍ତ ଦୁର୍ବଳ ହୋଇ ପଡିଥିବାରୁ ଏହାକୁ ସୁଦୃଢୀକରଣ କରିବା ପାଇଁ ପଦକ୍ଷେପ ନେବେ କି?

----

## ବନ୍ଦର ନିର୍ମାଣରେ ବିଳମ୍ବ

37 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ)ଃ**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟ ସରକାର କେତୋଟି କ୍ଷୁଦ୍ର ବନ୍ଦର ନିର୍ମାଣ ପାଇଁ ପ୍ରସ୍ତାବ ରଖିଥିଲେ, ତନ୍ମଧ୍ୟରୁ କେତୋଟି କାର୍ଯ୍ୟକାରୀ ହେବାକୁ ଯାଉଛି ; ବନ୍ଦର ନିର୍ମାଣରେ ଅହେତୁକ ବିଳମ୍ବର ମୁଖ୍ୟ କାରଣ କ'ଣ ; ସୁବର୍ଣ୍ଣରେଖା ବନ୍ଦରର(ବାଲିଆପାଳ) ସ୍ଥିତି ସମ୍ପର୍କରେ ସୂଚନା ଦେବେ କି; ଚୂଡାମଣି ବନ୍ଦର ନିର୍ମାଣରେ ବିଳମ୍ବ ହେବାର କାରଣ କ'ଣ, (ଖ) ଧାମରାରେ ଜାହାଜ ନିର୍ମାଣ କରାଖାନା ପ୍ରତିଷ୍ଠା ପାଇଁ ସରକାର ଉଦ୍ୟମ କରିବେ କି?

----

## ସୁବର୍ଣ୍ଣରେଖା ଓ ଅସ୍ତରଙ୍ଗ ବନ୍ଦର ପ୍ରକଳ୍ପର ଅଗ୍ରଗତି

38 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା)ଃ**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସୁବର୍ଣ୍ଣରେଖା ଓ ଅସ୍ତରଙ୍ଗ ବନ୍ଦର ପ୍ରକଳ୍ପର ଅଗ୍ରଗତି କେଉଁ ପର୍ଯ୍ୟାୟରେ ଏବଂ ଉଭୟ ପ୍ରକଳ୍ପ କେବେ ସୁଦ୍ଧା କାର୍ଯ୍ୟକ୍ଷମ ହେବାକୁ ଲକ୍ଷ୍ୟ ରଖାଯାଇଛି ; ଏହି ଦୁଇଟି ପ୍ରକଳ୍ପ ବ୍ୟତୀତ ନୂଆ ବନ୍ଦର ପ୍ରକଳ୍ପ ନିର୍ମାଣ ଦିଗରେ ରାଜ୍ୟ ସରକାର କ'ଣ ସବୁ ପଦକ୍ଷେପ ନେଇଛନ୍ତି ତଥ୍ୟ ସହ ଜଣାଇବେ କି?

----

## ସଚିବ ସ୍ତରୀୟ ଅଫିସରଙ୍କ ଜିଲ୍ଲା ଗସ୍ତ

39 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା)ଃ**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସରକାରୀ ଯୋଜନାଗୁଡିକର ରୂପାୟନ ଓ ଅଗ୍ରଗତିର ନିୟମିତ ସମୀକ୍ଷା ନିମନ୍ତେ ଜିଲ୍ଲା ପରିଦର୍ଶନ ଦାୟିତ୍ୱରେ ଥିବା ସଚିବ ସ୍ତରୀୟ ଅଫିସରଙ୍କ ମଧ୍ୟରୁ କେତେଜଣ ଚଳିତ ବର୍ଷ କେତେ ଥର ଜିଲ୍ଲା ଗସ୍ତ କରିଛନ୍ତି ଏବଂ କେଉଁ ଜିଲ୍ଲା ପ୍ରଶାସନର କାର୍ଯ୍ୟଦକ୍ଷତା ସମ୍ପର୍କରେ କଣ ଟିପ୍ପଣୀ ଦେଇଛନ୍ତି ; ସଚିବମାନଙ୍କ ରିପୋର୍ଟ ଆଧାରରେ ସରକାର କ'ଣ ପଦକ୍ଷେପ ନେଇଛନ୍ତି ସବିଶେଷ ତଥ୍ୟ ଦେବେ କି?

----

## ଯନ୍ତ୍ରୀ ଓ ଅଫିସରଙ୍କ ବିରୁଦ୍ଧରେ ହୋଇଥିବା ଭିଜିଲାନ୍ସ ମାମଲା

40 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଳ ସମ୍ପଦ ବିଭାଗର କେତେ ଯନ୍ତ୍ରୀ ଓ ଅଫିସରଙ୍କ ବିରୋଧରେ ଗତ 5 ବର୍ଷ ମଧ୍ୟରେ ଭିଜିଲାନ୍ସ ମାମଲା ରୁଜୁ ହୋଇଛି ଏବଂ ଚଢାଉ ବେଳେ ସେମାନଙ୍କର କେତେ ମୂଲ୍ୟର ସମ୍ପତ୍ତି ଠାବ ହୋଇଛି ; ପୂର୍ବ 5 ବର୍ଷରେ ଏହି ବିଭାଗର କେତେ ଯନ୍ତ୍ରୀ ଓ ଅଫିସର ଭିଜିଲାନ୍ସ ମାମଲାର ସମ୍ମୁଖୀନ ହୋଇଥିଲେ ତଥ୍ୟ ସହ ଜଣାଇବେ କି?

----

## ବେଆଇନ କାର୍ଯ୍ୟରେ ଲିପ୍ତଥିବା କର୍ମଚାରୀଙ୍କ ବିରୁଦ୍ଧରେ ପଦକ୍ଷେପ

41 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ କେଉଁ ନଦୀରୁ ବେଆଇନ୍ ବାଲି ଉଠାଣ ଓ ବେଆଇନ୍ ପଥର ଖାଦାନ ମାମଲାରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ ପ୍ରତିକୂଳ ମନ୍ତବ୍ୟ ସହ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଛନ୍ତି ; ନିର୍ଦ୍ଦେଶ ଅନୁଯାୟୀ ଏଭଳି ବେଆଇନ୍ କାର୍ଯ୍ୟରେ ଲିପ୍ତ ବ୍ୟକ୍ତି ବିଶେଷ ଓ ସରକାରୀ କର୍ମଚାରୀଙ୍କ ବିରୋଧରେ କ'ଣ ପଦକ୍ଷେପ ନିଆଯାଇଛି ଜିଲ୍ଲାୱାରୀ ତଥ୍ୟ ଦେବେ କି?

----

## ନଦୀ ସଂଯୋଗୀକରଣ ଯୋଜନାରେ ତାଲିକାଭୁକ୍ତ ନଦୀ

42 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନଦୀ ସଂଯୋଗୀକରଣ ଯୋଜନାରେ ରାଜ୍ୟରେ କେଉଁ ନଦୀଗୁଡିକ ତାଲିକାଭୁକ୍ତ ଓ ସେଥିରେ ଥିବା ଆନ୍ତଃରାଜ୍ୟ ପ୍ରକଳ୍ପ ପ୍ରସ୍ତାବ ମଧ୍ୟରେ କେଉଁ ଗୁଡିକ ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ସରକାର ତର୍ଜମା କରିଛନ୍ତି କି ; ଯଦି 'ହଁ' ତେବେ ରାଜ୍ୟ ପରିପନ୍ଥୀ ପ୍ରସ୍ତାବ ଗୁଡିକ ସମ୍ପର୍କରେ ଆମ ସରକାର କେନ୍ଦ୍ର ନିକଟରେ କ'ଣ ମତାମତ ରଖିଛନ୍ତି ପ୍ରକଳ୍ପୱାରୀ ତଥ୍ୟ ଦେବେ କି?

----

## Cyber fraud ସମ୍ପର୍କରେ

43 **ଶ୍ରୀ ଅନନ୍ତ ଦାସ (ଭୋଗରାଇ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାରେ ଗତ 2019, 2020, 2021 ବର୍ଷ ମଧ୍ୟରେ କେତେ ଟଙ୍କା Cyber fraud ହୋଇଛି ତାହା ଜଣାଇବା ସହିତ ଏପରି ଠକକୁ ବନ୍ଦ କରିବା ପାଇଁ ସରକାର କ'ଣ ପଦକ୍ଷେପ ନେଇଛନ୍ତି ତାହା ଜଣାଇବେ କି ; ଏହି ଠକକୁ ବନ୍ଦ କରିବା ପାଇଁ କେତୋଟି ସ୍ୱତନ୍ତ୍ର Court ଓ Police ନିଯୁକ୍ତି କରାଯାଇଛି ଏବଂ ଆଜି ସୁଦ୍ଧା କେତେ Cyber case ଧରାଯାଇଛି ଏବଂ କେତେ ଅର୍ଥ ଜବତ କରାଯାଇଛି ତାହା ଜଣାଇବା ସହିତ କ୍ଷତିଗ୍ରସ୍ତ ଲୋକମାନଙ୍କୁ କେତେ ଅର୍ଥ ଫେରାଇ ଦିଆଯାଇଛି ତାହା ଜଣାଇବେ କି?

----

**ଜମିଦାରୀ ଉଚ୍ଛେଦ ଆଇନ ମୁତାବକ ଫଇସଲା ହୋଇଥିବା case ସଂଖ୍ୟା**

44 **ଶ୍ରୀ ଅନନ୍ତ ଦାସ (ଭୋଗରାଇ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶା ଜମିଦାରୀ ଉଚ୍ଛେଦ ଆଇନ ମୁତାବକ କେତେ case ଫଇସଲା ହୋଇଛି ଏବଂ କେତେ case ଫଇସଲା ହୋଇନାହିଁ ତାହା ଜଣାଇବେ କି, ଏଥିପାଇଁ କେତେ ରାଜସ୍ୱ ରାଜ୍ୟ ସରକାର ପାଇପାରି ନାହାନ୍ତି ତାହା ଜଣାଇବେ କି, ଏହି ଜମିକୁ ସରକାରୀ ଖାତାରେ ଅନ୍ତର୍ଭୁକ୍ତ କରିବେ କି ?

----

**ଜମି Survey କରାଯାଇ ନଥିବା ଅଞ୍ଚଳର ତାଲିକା**

45 **ଶ୍ରୀ ଅନନ୍ତ ଦାସ (ଭୋଗରାଇ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶାରେ କେଉଁ କେଉଁ ଅଞ୍ଚଳର ଜମି Survey କରାଯାଇନାହିଁ ତାହାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବା ସହିତ ଏଗୁଡିକୁ Survey କରାଯାଇ ସତ୍ତ୍ୱ ଲିପି (ROR) କେବେ ସୁଧା ପ୍ରସ୍ତୁତ ହେବ ତାହା ଜଣାଇବେ କି ?

----

**କରୋନା ମହାମାରୀରେ ଆଦାୟ ହୋଇଥିବା ରାଜସ୍ୱ**

46 **ଶ୍ରୀ ଅନନ୍ତ ଦାସ (ଭୋଗରାଇ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କରୋନା ମହାମାରୀ ଯୋଗୁଁ 2019-20 ଏବଂ 2021 ବର୍ଷରେ ବିଭାଗର କେତେ ଟଙ୍କା ରାଜସ୍ୱ ବୃଦ୍ଧି ବା କ୍ଷତି ହୋଇଛି ତାହା ଜଣାଇବେ କି ?

----

**ବଜ୍ରପାତରୁ ରକ୍ଷା କରିବା ପାଇଁ ନେଇଥିବା ପଦକ୍ଷେପ ସମ୍ପର୍କରେ**

47 **ଶ୍ରୀ ଅନନ୍ତ ଦାସ (ଭୋଗରାଇ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱର, ମୟୁରଭଞ୍ଜ, ଭଦ୍ରକ ଓ ଯାଜପୁର ଏହି ଅଞ୍ଚଳରେ ଅଧିକ ବଜ୍ରପାତ ହେଉଥିବାର ବିଭିନ୍ନ ଖବର କାଗଜରେ ପ୍ରକାଶ ପାଇଛି, ଏହି ବଜ୍ରପାତରୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ସରକାର କ'ଣ ପଦକ୍ଷେପ ନେଉଛନ୍ତି ତାହା ଜଣାଇବେ କି, ଗତ 5 ବର୍ଷ ମଧ୍ୟରେ ଓଡ଼ିଶାରେ କେତେ ବଜ୍ରପାତ ହୋଇଛି ସେଥିମଧ୍ୟରୁ ଉପରୋକ୍ତ 4ଟି ଜିଲ୍ଲାରେ କେତେ ଲୋକ ମୃତ୍ୟୁବରଣ କରିଛନ୍ତି ତାହା ଜଣାଇବା ସହିତ ଏମାନଙ୍କ ଉତ୍ତରାଧିକାରୀ ମାନଙ୍କୁ କେତେ ଅର୍ଥ ପ୍ରଦାନ କରାଯାଇଛି ତାହା ଜଣାଇବେ କି ?

----

## 35% ଜଳସେଚନ ସୁବିଧା

48 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 16th ବିଧାନସଭାର SAQ 175/14.7.2022 ର ପ୍ରଶ୍ନର ଉତ୍ତରରେ ସରକାର ଦେଇଥିବା ତଥ୍ୟ ଅନୁଯାୟୀ ଲୋଇସିଂହା ନିର୍ବାଚନ ମଣ୍ଡଳୀରେ 35% ରୁ କମ୍ ଜଳସେଚିତ ବ୍ଲକ ଭାବରେ ସରକାର ଚିହ୍ନଟ କରିଥିବା ପୁଇନ୍ତଲା ବ୍ଲକ୍ ପାଇଁ ସରକାରଙ୍କ ଧାର୍ଯ୍ୟ ଲକ୍ଷ୍ୟ 35% ଜଳସେଚନର ସୁବିଧା ସୃଷ୍ଟି କରିବା ନିମନ୍ତେ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଯୋଜନା ସହ ବଜେଟରେ କେତେ ପାଣ୍ଠିର ବ୍ୟବସ୍ଥା କରିଛନ୍ତି ତା'ର ସବିଶେଷ ବିବରଣୀ ଦେବେ କି ?

----

## ବସଷ୍ଟାଣ୍ଡ ନିର୍ମାଣ ପାଇଁ ଜମି ଯୋଗାଣ

49 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 16th ବିଧାନସଭାର ଦଶମ ଅଧିବେଶନର ଅଣତାରକା ପ୍ରଶ୍ନସଂଖ୍ୟା ୧୧୧୭ /ତା, ୧୪.୦୭.୨୦୨୨ ରେ ବାଣିଜ୍ୟ ଓ ପରିବହନ ବିଭାଗର ମାନ୍ୟବର ସରକାରଙ୍କ ତଥ୍ୟ ଅନୁଯାୟୀ ଲୋଇସିଂହା ନିର୍ବାଚନ ମଣ୍ଡଳୀର ଆଗଲପୁର ଠାରେ ପ୍ରସ୍ତାବିତ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପରିବହନ ବିଭାଗ ଦ୍ୱାରା ଆବଶ୍ୟକ ହେଉଥିବା ଜମି ଚିହ୍ନଟ ଓ ଅଧିଗ୍ରହଣ ଉପରେ ବଲାଙ୍ଗିର ଜିଲ୍ଲା ପ୍ରଶାସନକୁ ଦିଆଯାଉଥିବା ପ୍ରସ୍ତାବର କାର୍ଯ୍ୟକାରୀତାର Action taken report ଗୃହରେ ଉପସ୍ଥାପନ କରିବେ କି ?

----

## ପଶ୍ଚିମ ଓଡ଼ିଶା ଭବନ ନିର୍ମାଣ

50 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 16th ବିଧାନସଭାର ୧୦ମ ଅଧିବେଶନର UDAQ No.2530 / Date 21.07.2022 ରେ ସରକାର ଦେଇଥିବା ଉତ୍ତର ଅନୁଯାୟୀ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ଦିଲ୍ଲୀର ଓଡ଼ିଶା ଭବନ ଢ଼ାଞ୍ଚାରେ ଭୁବନେଶ୍ୱର ଠାରେ ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କ ସୁବିଧା ନିମନ୍ତେ "ପଶ୍ଚିମ ଓଡ଼ିଶା ଭବନ" ନିର୍ମାଣ କରିବା ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଞ୍ଚଳର ବିଧାୟକ ଭାବରେ ବିଧାନସଭାରେ ଦିଆଯାଇଥିବା ପ୍ରସ୍ତାବକୁ ସରକାର ଗ୍ରହଣ କରିବେ କି, ଯଦି ଉତ୍ତର 'ହଁ' ହୁଏ ତେବେ କେବେ ସୁଦ୍ଧା ଏହି ପ୍ରସ୍ତାବ କାର୍ଯ୍ୟକାରୀ କରିବେ ସ୍ପଷ୍ଟୀକରଣ ଦେବେ କି ?

----

## ବିନିଯୋଗ ପତ୍ର ପ୍ରଦାନର ତଥ୍ୟ

51 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) 16th ବିଧାନସଭାର 10th ଅଧିବେଶନର UDAQ No.436/03.10.2020 ପ୍ରଶ୍ନରେ ସରକାରଙ୍କ ଉତ୍ତର ଅନୁଯାୟୀ ବନ୍ଦ ହୋଇଯାଇଥିବା ବିଜୁ ଯୁବ ବାହିନୀ ଯୋଜନାକୁ ସରକାର ୨୦୧୮-୧୯ ଓ ୨୦୧୯-୨୦ ମସିହାରେ ଯୋଗାଇଥିବା ଟ. ୧୩୦, ୧୩,୬୦,୪୪୮/- ପାଣ୍ଠି ମଧ୍ୟରୁ ମୋଟ ଟି.୮୧,୧୧,୩୦,୩୩୭/- ଖର୍ଚ୍ଚ ହୋଇଛି, ଜିଲ୍ଲାୱାରୀ ତଥ୍ୟ ସହ ଅବଶିଷ୍ଟ ଟ.୪୯,୦୨,୩୦,୧୧୧/- ର ସୁଧ ସହ ବର୍ତ୍ତମାନର ସ୍ଥିତି ଏବଂ ଖର୍ଚ୍ଚ ହୋଇଥିବା ଟ.୮୧,୧୧,୩୦,୩୩୭/- ର ଜିଲ୍ଲାୱାରୀ ବିନିଯୋଗ ପ୍ରମାଣ ପତ୍ର ସମ୍ବନ୍ଧରେ ତଥ୍ୟ ଦେବେ କି, (ଖ) ୨୦୧୮-୧୯/ ୨୦୧୯-୨୦ ମସିହାର ବଲାଙ୍ଗିର ଜିଲ୍ଲାକୁ ଦିଆଯାଇଥିବା ଟ.୬,୯୨,୮୧,୮୦୦/- ମଧରୁ ଖର୍ଚ୍ଚ ହୋଇଥିବା ଟ.୨୪,୭୮,୬୯୨/- ର ସବିଶେଷ ବିବରଣୀ ସହ ବିନିଯୋଗ ପ୍ରମାଣ ପତ୍ର ସମ୍ବନ୍ଧରେ ସବିଶେଷ ବିବରଣୀ ଦେଇ ବଲାଙ୍ଗିର ଜିଲ୍ଲାର ଖର୍ଚ୍ଚ ହୋଇ ପାରି ନ ଥିବା ଅବଶିଷ୍ଟ ୬,୬୮,୦୩, ୧୦୮ ଟଙ୍କାର ସୁଧ ସହ ବର୍ତ୍ତମାନର ସ୍ଥିତି ଉପରେ ସ୍ପଷ୍ଟୀକରଣ ଦେବେ କି ?

----

## Action Taken Report ଉପସ୍ଥାପନ

52 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 16th ବିଧାନସଭାର ୧୦ ତମ ଅଧିବେଶନର UD TDAQ No.2692 ତା.22.07.2022 ରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସରକାରଙ୍କ ତଥ୍ୟ ଅନୁଯାୟୀ ବଲାଙ୍ଗିରଠାରେ ସ୍ଥାପିତ S.V. NIRTAR ର ସେଟଲାଇଟ କେନ୍ଦ୍ରକୁ ଦିବ୍ୟାଙ୍ଗମାନଙ୍କ ଉତ୍ତମ ଚିକିତ୍ସାପାଇଁ ଆଞ୍ଚଳିକ କେନ୍ଦ୍ରରେ ପରିଣତ କରିବା ନିମନ୍ତେ ବିଭାଗ ତରଫରୁ ୨ (ଦୁଇ) ଏକର ଜମି ଯୋଗାଇଦେବା ପ୍ରସ୍ତାବ ଉପରେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ତରଫରୁ ବଲାଙ୍ଗିର ତହସିଲଦାରଙ୍କୁ ଦିଆଯାଇଥିବା ନିର୍ଦ୍ଦେଶର କାର୍ଯ୍ୟକାରିତାର Action taken report ଗୃହରେ ଉପସ୍ଥାପନ କରିବେ କି ?

----

## ପଟ୍ଟା ପ୍ରଦାନ

53 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ Sorada NAC ଗ୍ରାମ କଣ୍ଟକ ପଟା ହେବା ପାଇଁ Sub-Collector "BNJ"କୁ ଦେବା ପାଇଁ ସୁପାରିସ କରାଯାଇଅଛି କେବେ ସୁଦ୍ଧା ପଟ୍ଟା କରାଯିବ ଜଣାଇବେ କି ?

----

## ନିମ୍ନ ମାନର କାର୍ଯ୍ୟର ତଦନ୍ତ

54 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଳ ସମ୍ପଦ ବିଭାଗ ତରଫରୁ Bellaguntha Section ରେ କାର୍ଯ୍ୟ ହୋଇଥିବା କାଳିଆ ଆମ୍ବନାଳ , Kebir Berhampur, କେ ନୁଆଗାଁ , ଧୁମୁଛାଇ, ତନରଡା ପର୍ଯ୍ୟନ୍ତ କାର୍ଯ୍ୟ ନିମ୍ନ ମାନର ସରକାର ତଦନ୍ତ କରି ଜଣାଇବେ କି ?

----

## ନଦୀ ବନ୍ଧ କାମର ତଦନ୍ତ

55 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଳ ସଂପଦ ବିଭାଗ ତରଫରୁ Bellugunta IRN Section ତରଫରୁ ଡମରୀପରୀ କେନାଲ ରୁ ମନ୍ଦାର(RFBF) ବଡନଦୀ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ଉପରେ ତଦନ୍ତ କରି ଜଣାଇବେକି?

----

## ଉଚ୍ଚସ୍ତରୀୟ ତଦନ୍ତ ପାଇଁ ପଦକ୍ଷେପ

56 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଳ ସଂପଦ ବିଭାଗ ତରଫରୁ Bellugunta IRN Section ତରଫରୁ ଡମରୀପରୀ କେନାଲ ରୁ ମନ୍ଦାର(RFBF) ବଡନଦୀ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ଉପରେ ତଦନ୍ତ କରି ଜଣାଇବେକି?

----

## ନୂତନ R.I. Circle ପ୍ରତିଷ୍ଠା ପାଇଁ ପଦକ୍ଷେପ

57 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗଂଜାମ ଜିଲ୍ଲାର Bellugunta ତହସିଲ ଅଂଚଳରେ ବର୍ତ୍ତମାନ କେତେ R.I. Circle ରହିଛି ବର୍ତ୍ତମାନ ବଂଚିତ ଜନସଂଖ୍ୟା ଓ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେବା Bellugunta ତହସିଲ ନୂତନ R.I. Circle ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଛି ସରକାର ଜଣାଇବେକି?

----

## ଖେଳର ଶ୍ରେଣୀ ପରିବର୍ତ୍ତନ ସଂପର୍କରେ

58 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କ୍ରୀଡା ବିଭାଗ Asian Games, Olympic, Commonwealth Games ରେ ଖେଳା ଯାଇନଥିବା କେଉଁ କେଉଁ ଖେଳକୁ ABC wattage ଦେଇଛନ୍ତି, wattage ଦେଇଥିବା କେଉଁ କେଉଁ ଖେଳରେ ଜାତୀୟସ୍ତରରେ Champion ବା Runners up ହୋଇଛନ୍ତି ଜଣାଇବେକି, Popular Games ନାମରେ କିଛି ଖେଳକୁ ABC Category ରେ ଅନ୍ତଃର୍ଭୁକ୍ତ କରିଥିବାବେଳେ ରାଜ୍ୟର ଅଧିକ ଜିଲ୍ଲାରେ ଓ State Level ପ୍ରତିଯୋଗିତାରେ ବିଭିନ୍ନ Group ର ଅଧିକ ଜିଲ୍ଲା ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବାକୁ popular କୁହାଯିବ କି, ପ୍ରକାଶ ଥାଉକି ରାଜ୍ୟର ଅଧିକ ଜିଲ୍ଲା ସମସ୍ତ Group ର Throw ball ପ୍ରତିଯୋଗିତା Regular activities କରୁଥିବାବେଳେ ତାର wattage 'C' category ରୁ 'B' ପରିବର୍ତ୍ତେ 'D' କରିବାର କାରଣ କ'ଣ ?

----

## Odisha Relief Code ରେ ପରିବର୍ତ୍ତନ

59 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟର Relief Code ମାଧ୍ୟମରେ କି କି benefit ଦିଆଯାଉଅଛି ଏବଂ ବିଭିନ୍ନ ଦୈବି ଦୁର୍ବିପାକ ପାଇଁ କେତେ କେତେ ଅର୍ଥର ବ୍ୟବସ୍ଥା, ସଂପୁର୍ଣ୍ଣ ଘର ପୋଡିରେ, ଜମି ବାଲିଚର କେସରେ ଓ ଘରଭଙ୍ଗୀ କେସରେ ଅଧିକ ରାଶି ଯୋଗାଇ ଦେବା ପାଇଁ ବିଚାରାଧିନ ଅଛିକି, (ଖ) Odisha Relief Code ରେ ଆଉ କିଛି ଦୁର୍ବିପାକକୁ ଯୋଗ କରିବା ପାଇଁ ବ୍ୟବସ୍ଥା ଅଛି କି?

----

## Deep Bore Well ଖନନ କାମ ଶେଷ କରିବାକୁ ପଦକ୍ଷେପ

60 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନର୍ଲା ନିର୍ବାଚନମଣ୍ଡଳୀରେ 484 ଜଣ ଚାଷୀ 2019-2020, 2020 -2021 ରେ Registration କରିଥିବାବେଳେ 2021 -2022 ଓ 2022- 2023 ପାଇଁ କେତେ target ଥିଲା, ଏ ମଧ୍ୟରୁ2021 -2022 ଓ 2022 -2023 ରେ କେତେଜଣ ଚାଷୀ Deep Bore Well ଖୋଳିବା ପାଇଁ online ରେ Registration କରିଛନ୍ତି ତାର ତାଲିକା ସହିତ ଏ ସମସ୍ତ କାର୍ଯ୍ୟ କେବେସୁଦ୍ଧା ଆରମ୍ଭ କରାଯାଇ କେବେ ଶେଷ କରାଯିବ, 2019 -2020, 2020 -2021ର କାର୍ଯ୍ୟ ଆରମ୍ଭ ନହେବାର କାରଣ କଣ?

----

## Minor Irrigation Project ର ଉନ୍ନତିକରଣ

61 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନର୍ଲା ନିର୍ବାଚନମଣ୍ଡଳୀର କେଉଁ କେଉଁ Minor Irrigation Project ର ଉନ୍ନତିକରଣ କରିବା ପାଇଁ କେଉଁ କେଉଁ ଯୋଜନା ଅନ୍ତଃଭୁକ୍ତ କରାଯାଇ କାର୍ଯ୍ୟ କରିବା ପାଇଁ ସ୍ଥିର ହୋଇଛି ଜଣାଇବେକି, ରୁପ୍ରାର ସୁନାମୁଖି ସାଗର, ମଃରାମପୁରର ହରିହର ସାଗର, ତୁଳାପଡା MIP ପୁଜିଲଡୁ ଓ ଅସୁରଗଡ ପାଇଁ କି ବ୍ୟବସ୍ଥା କରାଯାଇଛି ଜଣାଇବେକି?

----

## Mega Lift ଜରିଆରେ ପାଣି ଯୋଗାଣ

62 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେସିଙ୍ଗା ବ୍ଲକର ପାରଲସିଙ୍ଗା, ନର୍ଲା ବ୍ଲକର ସରିଆଁ, ରାକ୍ସି, ରୁପ୍ରାରୋଡ, ମାଣ୍ଡେଲ, ଭୀମକେଲା, କର୍ମେ, ରୁପ୍ରା, ମୁସ୍କୁଟି, ଗିଗିନା, ଟକର୍ଲା, ଘୋଡାବନ୍ଧ, ଭାନପୁର ଓ ଘଣ୍ଟମାଳ ଜଳସେଚନର ଅଭାବ ଦୃଷ୍ଟିରୁ ଅଧିକରୁ ଅଧିକ Mega Lift Point ସର୍ଭେ କାର୍ଯ୍ୟ ଅତିଶିଘ୍ର ଆରମ୍ଭ କରିବେକି, କର୍ଲାମୁଣ୍ଡା ବ୍ଲକର ରିଷିଡା, ପୋରକେଲା, ତେରେସିଙ୍ଗା, ଗଜବାହାଲ, ମାଲପଡା ପଂଚାୟତରେ Mega Lift ଜରିଆରେ ପାଣି ଯୋଗାଇବା ପାଇଁ ସର୍ଭେ କାର୍ଯ୍ୟ ତ୍ୱରାନ୍ୱିତ କରିବେକି?

----

## ଯୋଜନାର ମୂଲ୍ୟାଙ୍କନ

63 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ନିଜସ୍ୱ ଯୋଜନା ମଧ୍ୟରୁ 2017-2018 ରୁ ଚଳିତ ବର୍ଷ ମଧ୍ୟରେ କେଉଁ ବର୍ଷ କେତେଗୋଟି ନିଜସ୍ୱ ଯୋଜନାରେ କେଉଁ ଜିଲ୍ଲାରେ କେତେ ସଂଖ୍ୟକ ହିତାଧିକାରୀ ଉପକୃତ ହେଉଛନ୍ତି, ଏବାବଦରେ ସମୁଦାୟ ବ୍ୟୟଭାର ଓ ଯୋଜନାୱାରୀ ହିତାଧିକାରୀଙ୍କ ସଂଖ୍ୟା ଓ ନିର୍ଦ୍ଦିଷ୍ଟଭାବେ ମୁଣ୍ଡପିଛା ବ୍ୟୟଭାର ଏକ ତୁଳନାତ୍ମକ ବିବରଣୀ ଯୋଜନାୱାରୀ ବର୍ଷୱାରୀ ପ୍ରଦାନ କରିବେକି, (ଖ) ରାଜ୍ୟ ସରକାର ପ୍ରଣୟନ କରିଥିବା ନିଜସ୍ୱ ଯୋଜନାରୁ କେତେ ସୁଫଳ ମିଳୁଛି, ପ୍ରକୃତରେ କେତେ ହିତାଧିକାରୀ କେଉଁମତେ କିଭଳି ଉପକୃତ ହେଉଛନ୍ତି ଓ ଯୋଜନାର ପ୍ରଭାବ କ'ଣ ରହୁଛି ସେ ସଂପର୍କରେ ସମୁଦାୟ ଯୋଜନା ମଧ୍ୟରୁ କେତେଗୋଟି ଓ କେଉଁ କେଉଁ ଯୋଜନାର ମୂଲ୍ୟାଙ୍କନ କରାଯାଇଛି ତା'ର ଏକ ବିବରଣୀ ପ୍ରଦାନ କରିବେ କି?

----

## ନଦୀ ବନ୍ଧ ପ୍ରକଳ୍ପ ନିର୍ମାଣ

64 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମହାନଦୀ ପ୍ରଣାଳୀରେ କେତୋଟି ନଦୀ ବନ୍ଧ, ବ୍ୟାରେଜ ପ୍ରକଳ୍ପ କେନ୍ଦ୍ରୀୟ ଜଳ ଆୟୋଗର ଅନୁମୋଦନ ଅପେକ୍ଷାରେ ଅଛି, ସେଥିମଧ୍ୟରୁ ଅଦ୍ୟାବଧି କେତୋଟିକୁ ସବୁଜ ସଂକେତ ମିଳିଛି, ଛତିଶଗଡ ଭଳି ଅନ୍ୟ କେତୋଟି ଛୋଟ ପ୍ରକଳ୍ପ ନିର୍ମାଣ କରିଛନ୍ତି ଯାହା ପାଇଁ ଆୟୋଗର ଅନୁମୋଦନ ଆବଶ୍ୟକ ନାହିଁ ସେ ସଂକ୍ରାନ୍ତରେ କହିବେକି, ମହାନଦୀ ବ୍ୟତୀତ ବ୍ରାହ୍ମଣୀ, ବୈତରଣୀଓ ଅନ୍ୟାନ୍ୟ କେଉଁ ନଦୀରେ କେତେ ନଦୀ ବନ୍ଧ, ବ୍ୟାରେଜ ନିର୍ମାଣ ପାଇଁ ସରକାର ଯୋଜନା କରିଛନ୍ତିକି, ଯଦି କରିଛନ୍ତି ତେବେ ସେଗୁଡିକର ସାଂପ୍ରତିକ ସ୍ଥିତି ସଂପର୍କରେ ଜଣାଇବେକି, ରାଜ୍ୟ ସରକାର ନିଜସ୍ୱ ଯୋଜନା ଓ ଅର୍ଥରେ ବିଗତ 22 ବର୍ଷ ଭିତରେ କେତେ ନଦୀ ବନ୍ଧ, ବ୍ୟାରେଜ ପ୍ରକଳ୍ପ ନିର୍ମାଣ କରିଛନ୍ତି, ଫଳରେ କେତେ ଜମି ଜଳସେଚିତ ହୋଇପାରିଛି ତାର ଜିଲ୍ଲା ଓ ବର୍ଷୱାରୀ ବିବରଣୀ ଦେବେକି?

----

## ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

65 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବିଭାଗ ଦ୍ୱାରା ନିର୍ମାଣଧୀନ ପ୍ରକଳ୍ପ ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହୃତ ହେଉଥିବା ସିମେଣ୍ଟ, ଲୁହାଛଡା ଓ ଅନ୍ୟାନ୍ୟ ସାମଗ୍ରୀଗୁଡିକ କେଉଁ କେଉଁ କଂପାନୀ ନିର୍ମିତ ସିମେଣ୍ଟ ଓ ଲୁହାଛଡ ବ୍ୟବହାର ପାଇଁ ଅନୁମତି ପ୍ରଦାନ କରାଯାଇଛି, କେଉଁ କେଉଁ ଗୁଣବତ୍ତା ଓ କି କି ମାପଦଣ୍ଡ ନିର୍ଦ୍ଧାରଣ କରାଯାଇ ଅନୁମତି ପ୍ରଦାନ କରାଯାଇଛି ତାହା ପ୍ରକାଶ କରିବେକି, (ଖ) ବିଗତ 5 ବର୍ଷ ମଧ୍ୟରେ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ନିର୍ମାଣଧିନ ପ୍ରକଳ୍ପ ଓ ଅନ୍ୟାନ୍ୟ କାର୍ଯ୍ୟରେ ଅନୁମତି ବିହୀନ ସିମେଣ୍ଟ ଓ ଲୁହାଛଡ ବ୍ୟବହାର ହେବାର ଅଭିଯୋଗ ହୋଇଛି କି, ଯଦି ହଁ ତେବେ କେଉଁ କେଉଁ ଅଭିଯୋଗ ଆଧାରରେ କେଉଁ କେଉଁ ଯନ୍ତ୍ରୀ ବା ଠିକାଦାରଙ୍କ ବିରୁଦ୍ଧରେ କି କି ପଦକ୍ଷେପ ଗ୍ରହଣ କରାଯାଇଛି ତାର ଏକ ବିବରଣୀ ପ୍ରଦାନ କରିବେକି?

----

## ଆଇଟି ଆପ୍ଲିକେସନରେ ଓକାକର ଭୂମିକା

66 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ୨୦୧୪ରୁ ଅଦ୍ୟାବଧି ଆଇଟି, ଆଇଟିଇଏସ୍ ଓ ଇଏସଡିଏମ୍ କ୍ଷେତ୍ରରେ କେତେ ନୂଆ ଆଇଟି ଷ୍ଟାର୍ଟ-ଅପ୍, ଫାର୍ମ, ଶିଳ୍ପ ଖୋଲିଛି, ସେଥିରେ କେତେ ଯୁବକ ଯୁବତୀଙ୍କୁ ନିଯୁକ୍ତି ପାଇଛନ୍ତି, ଆଇଟି ଆପ୍ଲିକେସନ୍ ସେବା, ଇଞ୍ଜିନିୟରିଂ,ରିସର୍ଚ୍ଚ ଓ ବିକାଶ ସେବା ଆଦି କ୍ଷେତ୍ର, ସଫ୍ଟୱେର ଓ ହାର୍ଡୱେରର ରପ୍ତାନୀ ପରିମାଣ ଓ ସେସବୁ ସଂସ୍ଥା ଦ୍ୱାରା ରାଜ୍ୟର ଆର୍ଥିକ ବିକାଶ ହାର କେତେ ବୃଦ୍ଧି ପାଇଛି, ସେ ନେଇ ବର୍ଷୱାରୀ ଓ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ; ଆଇଟି ଆପ୍ଲିକେସନ୍ ସେବା, ଇଞ୍ଜିନିୟରିଂ, ରିସର୍ଚ୍ଚ ଓ ବିକାଶ ସେବା ଆଦି କ୍ଷେତ୍ରରେ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓକାକ) କେଉଁ ଭୂମିକା ନିର୍ବାହ କରୁଛି, ସେଥିରେ କେତେ ଆଇଟି ବିଶେଷଜ୍ଞ ଓ ସରକାରୀ ଅଧିକାରୀ ନିୟୋଜିତ ହୋଇଛନ୍ତି କହିବେ କି ?

----

## ହକି ବିଶ୍ୱକପ ପାଇଁ ଅଟକଳ

67 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ୨୦୨୩ ହକି ବିଶ୍ୱକପ୍ ପାଇଁ ସମୁଦାୟ କେତେ ଅର୍ଥ ବ୍ୟୟ ଅଟକଳ କରାଯାଇଛି ; ଏଥିନିମନ୍ତେ ରାଜ୍ୟର କେଉଁ କେଉଁ ସ୍ଥାନରେ କେତେ ଗୋଟି କେଉଁ ବର୍ଗର ଷ୍ଟାଡିୟମ ନିର୍ମାଣ ବା ଉନ୍ନତିକରଣ ଏବଂ ଅନ୍ୟାନ୍ୟ କେଉଁ କେଉଁ ବାବଦରେ କେତେ ଅର୍ଥ କେଉଁ କେଉଁ ଯୋଜନା କିମ୍ବା କେଉଁ ସୂତ୍ରରୁ ବ୍ୟୟ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ; ସଂପୃକ୍ତ କେଉଁ କେଉଁ ପ୍ରକଳ୍ପର କି କି ନିର୍ମାଣ କାର୍ଯ୍ୟ କେତେ ବ୍ୟୟ ଅଟକଳରେ କେଉଁ କେଉଁ ସଂସ୍ଥାଦ୍ୱାରା ସଂପାଦନ କରାଯାଉଛି ତା'ର ଏକ ବିବରଣୀ ପ୍ରଦାନ କରିବା ସହ ବ୍ୟୟ ହୋଇଥିବା ଓ ହେବାକୁ ଥିବା କେତେ ଅର୍ଥ କେଉଁ କେଉଁ ସୂତ୍ରରୁ ବ୍ୟବସ୍ଥା କରାଯାଇଛି ତାହା ପ୍ରକାଶ କରିବେ କି ?

----

## ତଳିଆ କର୍ମଚାରୀ ନିଯୁକ୍ତିକୁ ଜିଲ୍ଲାସ୍ତରୀୟ କରାଯିବା ସମ୍ପର୍କରେ

୬୪ **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜସ୍ୱ ବିଭାଗର ତଳିଆ କର୍ମଚାରୀ ନିଯୁକ୍ତି ଜିଲ୍ଲାସ୍ତରରେ କରାଯିବ କି; ଏଥିପାଇଁ ଦୀର୍ଘଦିନ ହେଲା ଦାବୀ ହୋଇ ଆସୁଛି କି; ରାଜସ୍ୱ ନିରୀକ୍ଷକ ଓ ମୋହରିଅର ପରି ତଳିଆ ପଦବୀରେ ଅନ୍ୟ ଜିଲ୍ଲାରେ ଯୁବକ ଯୁବତୀମାନେ ଅଧିକ ସଂଖ୍ୟାରେ ନିଯୁକ୍ତି ପାଉଥିବା ଓ ସ୍ଥାନୀୟ ଯୁବକ ଯୁବତୀମାନେ ନିରାଶ ହୋଇ ନକସଲ ସଂଗଠନରେ ସାମିଲ ହେଉଥିବା କଥା ସତ୍ୟ କି ?

----

## ବୃହତ ଜଳଭଣ୍ଡାର ଗୁଡ଼ିକ ଅଚଳ ହୋଇ ପଡ଼ିଥିବା ସମ୍ପର୍କରେ

୬୨ **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଅବିଭକ୍ତ କୋରାପୁଟ ଜିଲ୍ଲାର କେଉଁସବୁ ନଦୀ କେବଳ ବର୍ଷା ଦିନିଆ ନଦୀରେ ପରିଣତ ହୋଇଛି; ଅର୍ଥାତ ମୌସୁମୀ ସମୟରେ ସେଗୁଡ଼ିକରେ ଜଳପ୍ରବାହ ଘଟୁଛି ଓ ଅନ୍ୟ ସମୟରେ ଶୁଖିଲା ପଡୁଛି; (ଖ) ଏହାକୁ ସରକାର ଗୁରୁତ୍ୱର ସହ ଦେଖୁଛନ୍ତି କି ଏବଂ ଏହିସବୁ ନଦୀ ଶୁଖିଗଲା ପରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଥିବା ବୃହତ ଜଳଭଣ୍ଡାର ଯଥା କୋଲାବ, ଇନ୍ଦ୍ରାବତୀ, ମାଛକୁଣ୍ଡ, ବାଲିମେଳା ଆଦି ଅଚଳ ହୋଇପଡ଼ିବାର ସୂଚନା ମିଳିଲାଣି କି ?

----

## ରେଳ ମନ୍ତ୍ରାଳୟକୁ ରେଳଗାଡ଼ି ସଂଖ୍ୟା ବୃଦ୍ଧି ପାଇଁ ଯୋଗାଯୋଗ

70 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଅବିଭକ୍ତ କୋରାପୁଟ ଜିଲ୍ଲାରୁ ରାଜଧାନୀକୁ କ୍ରମାଗତଭାବେ ନିୟମିତ ଯାତ୍ରୀଙ୍କ ସଂଖ୍ୟା ବଢୁଛି କି; ବିଶେଷ କରି ରେଳ ଯାତ୍ରୀଙ୍କ ସଂଖ୍ୟା ବଢୁଛି କି; ଏଥିପାଇଁ କୋରାପୁଟ ଜିଲ୍ଲାରୁ ସନ୍ଧ୍ୟା ସମୟରେ ଛାଡୁଥିବା ଏକମାତ୍ର ରେଳଗାଡ଼ି ଯଥେଷ୍ଟ ହେଉନାହିଁ କି; ଏହାକୁ ଦୃଷ୍ଟିରେ ରଖି ସକାଳବେଳା ଏକ କୋରାପୁଟରୁ ଛାଡ଼ିବା ପାଇଁ ଦାବୀ ହୋଇ ଆସୁଛି କି; ତୁରନ୍ତ ଏ ସମ୍ପର୍କରେ କେନ୍ଦ୍ର ରେଳ ମନ୍ତ୍ରାଳୟକୁ ଲେଖାଯିବ କି; ଅତୀତରେ ଲେଖାଯାଇଛି କି ?

----

## Software Technology Park ର ସ୍ଥିତି

71 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଜୟପୁରଠାରେ ନିର୍ମାଣାଧିନ Software Technology Park ର ସ୍ଥିତି କଣ; ଏଥିପାଇଁ ସରକାର କି ପ୍ରୋତ୍ସାହନ ଦେଇଛନ୍ତି; ଆବଣ୍ଟିତ ଜମି ସେହି Technology Park ପାଇଁ ଯଥେଷ୍ଟ ହେଉନାହିଁ କି; ଏଥିପାଇଁ ଅସନ୍ତୋଷ ଦେଖାଦେଲାଣି କି; (ଖ) ଏହା କେବେ କାର୍ଯ୍ୟକ୍ଷମ ହେବ କେତେ IT Company ଏଠାରେ ଅଂଶୀଦାର ହେବେ ବୋଲି ଜଣାପଡ଼ିଛି ?

----

## ଲୋୟର କୋଲାବ ପ୍ରକଳ୍ପ ଦ୍ୱାରା ଜମିକୁ ପାଣି ବ୍ୟବସ୍ଥା

72 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଲୋଅର କୋଲାବ ପ୍ରକଳ୍ପ ଦ୍ୱାରା କେତେ ଜମିରେ ପାଣି ମାଡ଼ିବ ବୋଲି ଆକଳନ ହୋଇଥିଲା; ବର୍ତ୍ତମାନ ସୁଦ୍ଧା କେତେ ହେକ୍ଟର ଜମିକୁ ପାଣି ମାଡୁଛି ; ସେହି ଜମି ସବୁ କେଉଁ କେଉଁ ତହସିଲର; ଜଳସେଚନ ପାଇଁ ଖୋଳାଯାଇଥିବା କେନାଲର ତଳ ମୁଣ୍ଡକୁ ପାଣି ଯାଉ ନଥିବା ଅଭିଯୋଗ ସତ୍ୟ କି; ସେଠାରେ କି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ ?

----

## ଦୁର୍ଗମ ଗ୍ରାମାଞ୍ଚଳକୁ ଯାତ୍ରୀ ପରିବହନ ସେବା

73 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାର କେଉଁ କେଉଁ ରୁଟରେ କେତେଗୋଟି ଓଡ଼ିଶା ସରକାର ପରିବହନ ନିଗମ ବସ ଓ ଘରୋଇ ବସ ଚଳାଚଳ କରୁଛି, ପ୍ରକାଶ କରି ଜିଲ୍ଲାର ଦୁର୍ଗମ ଗ୍ରାମାଞ୍ଚଳକୁ ଯାତ୍ରୀ ପରିବହନ ସେବା ଯୋଗାଇ ଦେବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଡ଼ାକଟିକଟ ପ୍ରଚଳନ

74 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାର ବରପୁତ୍ର ଶହୀଦ ରେଣ୍ଡୋ ମାଝୀଙ୍କ ଉପରେ ସ୍ୱତନ୍ତ୍ର ଡ଼ାକ ଟିକଟ ପ୍ରଚଳନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ, ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ପ୍ରେସରେ ପଦବୀ ପୂରଣ

75 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭବାନୀପାଟଣାଠାରେ ଥିବା ସରକାରୀ ପ୍ରେସରେ ମଞ୍ଜୁରୀପ୍ରାପ୍ତ କେଉଁ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ସହ ଏହି ସରକାରୀ ପ୍ରେସକୁ ସମ୍ପ୍ରସାରଣ ଓ ଆଧୁନିକୀକରଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## କଳାହାଣ୍ଡି ଜିଲ୍ଲାରେ ଖାଲି ପଦବୀ ପୂରଣ

76 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଳାହାଣ୍ଡି ଜିଲ୍ଲାରେ ଜଳସମ୍ପଦ ବିଭାଗ ଅଧିନରେ ମଞ୍ଜୁରୀପ୍ରାପ୍ତ କେଉଁ ପଦବୀରୁ କେତେ ପଦବୀ ଖାଲି ଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## କଳାହାଣ୍ଡି ଜିଲ୍ଲାରେ ଖାଲିଥିବା ମଞ୍ଜୁରୀ ପ୍ରାପ୍ତ ପଦବୀ

77 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଳାହାଣ୍ଡି ଜିଲ୍ଲାରେ ରାଜସ୍ୱ ବିଭାଗ ଅଧିନରେ କେଉଁ କାର୍ଯ୍ୟାଳୟରେ ମଞ୍ଜୁରୀପ୍ରାପ୍ତ କେଉଁ ପଦବୀରୁ କେତେ ପଦବୀ ଖାଲି ଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ରାଜସ୍ୱ ଆୟ ପରିମାଣ

78 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନୟାଗଡ଼ ଜିଲ୍ଲା ଅନ୍ତର୍ଗତ କେଉଁ କେଉଁ ତହସିଲରୁ ବିଗତ ବର୍ଷ ଓ ଚଳିତ ବର୍ଷ ଅଦ୍ୟାବଧି କେଉଁ କେଉଁ ଉତ୍ସରୁ କେତେ ପରିମାଣର ରାଜସ୍ୱ ଆଦାୟ କରାଯାଇଅଛି ତତସମ୍ବନ୍ଧୀୟ ତହସିଲୱାରି ତଥ୍ୟ ପ୍ରଦାନ କରିବେ କି; ଏବଂ ଆଦାୟ ହେଉଥିବା ରାଜସ୍ୱ ମଧ୍ୟରୁ କେଉଁ ତହସିଲରେ କେତେ ପରିମାଣର ରାଜସ୍ୱ Enforcement activity ମାଧ୍ୟମରେ ଟ୍ରକ, ଟ୍ରାକ୍ଟର ଓ ଅନ୍ୟାନ୍ୟ ଯାନ ମାଧ୍ୟମରେ ଜୋରିମାନା ଆକାରରେ ଆଦାୟ କରାଯାଇଅଛି ତାହାର ସବିଶେଷ ତଥ୍ୟ ତହସିଲୱାରି ପ୍ରଦାନ କରିବେ କି ?

----

## ଜମିଜମା ରେକର୍ଡ଼ ଉପଲବ୍ଧ କରିବା ପାଇଁ ପଦକ୍ଷେପ

79 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୟାଗଡ଼ ଜିଲ୍ଲା ପୁରୀ ଜିଲ୍ଲା ଠାରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ଜିଲ୍ଲାରେ ପରିଣତ ହେବାଠାରୁ ଆବଶ୍ୟକୀୟ ଜମିଜମା ସମ୍ବନ୍ଧିୟ ସାବିକ ରେକଡ଼ ଓ ଅନ୍ୟାନ୍ୟ ନଥି ପତ୍ର ନୟାଗଡ଼ ଜିଲ୍ଲାକୁ ହସ୍ତାନ୍ତର କରାଯିବା ସଙ୍ଗେ ସଙ୍ଗେ ସେଗୁଡ଼ିକୁ ବ୍ୟବସ୍ଥିତ କରିବା ପାଇଁ ଆବଶ୍ୟକିୟ ସହାୟକ କର୍ମଚାରୀ ଯୋଗାଇ ଦିଆଯାଇଛି କି; ଆବଶ୍ୟକ ସ୍ଥଳେ ସାବିକ ରେକଡ଼ ଶିଘ୍ର ଉପଲବ୍ଧ କରିବା ପାଇଁ କି କି ବ୍ୟବସ୍ଥା କରାଯାଇଅଛି ଓ କେବେସୁଧା ଏହା ପୁର୍ଣ୍ଣ କାର୍ଯ୍ୟକ୍ଷମ ହେବ ଜଣାଇବେ କି ?

----

## ଭିତ୍ତିଭୂମିର ବିକାଶ

୫୦ **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବିଭିନ୍ନ କ୍ରିଡ଼ା ଓ ତତ୍ ସମ୍ବନ୍ଧିୟ ଭିତ୍ତିଭୂମିର ବିକାଶ ପାଇଁ ବିଗତ ପାଞ୍ଚବର୍ଷ ମଧ୍ୟରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଆର୍ଥିକ ବ୍ୟୟବରାଦ ସମ୍ବନ୍ଧିୟ ତଥ୍ୟ ଜିଲ୍ଲାୱାରି ପ୍ରଦାନ କରିବେ କି ?

----

## ଜଳ ସେଚନ ପ୍ରକଳ୍ପ ନିର୍ମାଣ

୫୧ **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶପଲ୍ଲା, ଗଣିଆ ଓ ନୁଆଗାଁ ବ୍ଲକ ଅଧିନରେ ନୂତନ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ନିର୍ମାଣ କରିବା ପାଇଁ କେତେ ଗୋଟି ପ୍ରସ୍ତାବ ବିଭାଗ ଅଧିନରେ କେବେଠାରୁ ରହିଛି ଓ ତନ୍ମଧ୍ୟରୁ କେଉଁ କେଉଁ ପ୍ରକଳ୍ପ ବୈଷୟିକ କମିଟି ଦ୍ୱାରା କେବେଠାରୁ ମଞ୍ଜୁର ହୋଇଅଛି ଓ ଅବଶିଷ୍ଟ ପ୍ରକଳ୍ପ ଗୁଡ଼ିକୁ କେବେସୁଦ୍ଧା ମଞ୍ଜୁର କରାଇ ପ୍ରତ୍ୟେକ ପ୍ରସ୍ତାବିତ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକାରୀ କରିବେ ଜଣାଇବେ କି ?

----

## ମାଳବନ୍ଧ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ପଦକ୍ଷେପ

୫୨ **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗଣିଆ ବ୍ଲକଠାରେ ବହୁ ବର୍ଷଠାରୁ ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ମଣିଭଦ୍ରାଠାରୁ ପତୁରିଆ ପର୍ଯ୍ୟନ୍ତ ମହାନଦୀର ଦକ୍ଷିଣ ପାର୍ଶ୍ୱରେ ନିର୍ମାଣାଧିନ ଥିବା ମାଳବନ୍ଧ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ କି କି ପଦକ୍ଷେପମାନ ଗ୍ରହଣ କରାଯାଇଛି ଓ ଯଥାଶିଘ୍ର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ବିହିତ ପଦକ୍ଷେପ ନେବେ କି ?

----

## ଓଡ଼ିଶା ଡ୍ରାଇଭର ମହାସଂଘର ଦାବୀ

୫୩ **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶା ଡ୍ରାଇଭର ମହାସଙ୍ଘ ରାଜ୍ୟ ସରକାରଙ୍କ ପାଖରେ କି କି ଦାବି ପୂରଣ ପାଇଁ ଅନୁରୋଧ କରିଛି ଓ ସରକାର ସେହି ଦାବି ଗୁଡ଼ିକ ଉପରେ କ'ଣ ପଦକ୍ଷେପ ନେଇଛନ୍ତି ବା ନେବାକୁ ଯାଉଛନ୍ତି କହିବେ କି, ସେହିଭଳି ଓଡ଼ିଶା ଡ୍ରାଇଭର ମହାସଙ୍ଘର ମେମ୍ବର ସଂଖ୍ୟା କେତେ, ସରକାର ଡ୍ରାଇଭର ମାନଙ୍କ ସାମାଜିକ ସୁରକ୍ଷା ପାଇଁ ପୂର୍ବରୁ କେବେ କିଛି ପଦକ୍ଷେପ ନେଇଛନ୍ତି କି; ଯଦି ନାଁ ତେବେ ଡ୍ରାଇଭର ମାନଙ୍କୁ ସରକାର ଅଣଦେଖା କରୁଥିବାର କାରଣ କଣ ଓ କେବେ ସୁଦ୍ଧା ଡ୍ରାଇଭର ଭାଇମାନଙ୍କ ଦୁଃଖ ସରକାର ଶୁଣିବେ କହିବେ କି ?

----

## ରାଜ୍ୟ ଯୋଜନା ବୋର୍ଡ଼ ସମ୍ପର୍କରେ

84 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ଯୋଜନା ବୋର୍ଡ଼ର କାମ କଣ; ଏହି ବୋର୍ଡ଼ର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ କେଉଁମାନେ ଏବେ ଅଛନ୍ତି ଓ କେତେ ଜଣ ସଦସ୍ୟ ଅଛନ୍ତି କହିବେ କି; ସଦସ୍ୟମାନଙ୍କ ମଧ୍ୟରୁ କ୍ୟାବିନେଟ୍ ପାହ୍ୟା ଓ ରାଜ୍ୟ ପାହ୍ୟା ମନ୍ତ୍ରୀ ସମତୁଲ କେତେ ଜଣ ଲେଖାଏଁ ଅଛନ୍ତି ଓ ସେମାନେ କରୁଛନ୍ତି କଣ; ଏହି ବୋର୍ଡ଼ର ବୈଠକ ବର୍ଷକୁ କେତେଥର ବସିବା କଥା ଓ ଶେଷ ବୈଠକ କାହା ଅଧ୍ୟକ୍ଷତାରେ କେବେ ହୋଇଥିଲା ପୁନର୍ବାର କେତେ ହେବ କହିବେ କି ?

----

## Ethanol Plant ପ୍ରତିଷ୍ଠା ପାଇଁ ଜମି ଯୋଗାଣ

85 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଉମରକୋଟ ଅଞ୍ଚଳରେ ହେବାକୁ ଥିବା ଇଥାନିଲ୍ (Ethanol) Plant ପ୍ରତିଷ୍ଠା ପାଇଁ ସରକାର ଜମି ଯୋଗାଇ ଦେଇଛନ୍ତି କି; ଯଦି ହଁ ତେବେ କେତେ ଜମି କେଉଁ ମୌଜାରେ ଦେଇଛନ୍ତି ଓ ପ୍ଲାଣ୍ଟ (Ethanol) ପାଇଁ କେତେ ଜମି ଆବଶ୍ୟକ ଓ ସରକାର କେତେ Leasable & non leasable ଜମି ଚିହ୍ନଟ କରିଛନ୍ତି କହିବେ କି; ଯଦି ଜମି ଚିହ୍ନଟ କରିନାହାନ୍ତି ତେବେ ଏହାର କାରଣ କଣ ଓ କେବେସୁଦ୍ଧା ଜମି ଯୋଗାଇ ଦେବେ କହିବେ କି ?

----

## Vacancy ଥିବା ପଦବୀ ସଂଖ୍ୟା

86 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ରାଜସ୍ୱ ବିଭାଗରେ କେଉଁ କେଉଁ ପଦପଦବୀ କେତେ ସଂଖ୍ୟାରେ vacancy ଅଛି ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବା ସହ ଉମରକୋର୍ଟ ନିର୍ବାଚନ ମଣ୍ଡଳୀର ରାଇଘର ଓ ଉମରକୋର୍ଟ, ତହସିଲରେ କେତେ ପଦପଦବୀ କର୍ମଚାରୀ ଖାଲି ଅଛି ଏବଂ ଖାଲିଥିବା ପଦବୀ ଗୁଡ଼ିକ କେତେଦିନ ଭିତରେ ପୂରଣ କରାଯିବ କହିବେ କି ?

----

## ବିଶ୍ୱ କପ୍ ହକିଖେଳ ପାଇଁ ହୋଇଥିବା ଖର୍ଚ୍ଚ

87 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାର ଗତ ବିଶ୍ୱକପ୍ ହକି ଖେଳ ପାଇଁ ସମୁଦାୟ କେତେ ଟଙ୍କା କେଉଁ କେଉଁ ବାବଦକୁ ଖର୍ଚ୍ଚ କରିଥିଲେ, କେନ୍ଦ୍ର ସରକାର କେତେ ଅର୍ଥ ଅନୁଦାନ ଦେଇଥିଲେ ତାର ସଠିକ୍ ବିବରଣୀ ପ୍ରଦାନ କରିବା ସହ ଆସନ୍ତା ବିଶ୍ୱ କପ୍ ହକି ପାଇଁ ଏବଂ ଭୁବନେଶ୍ୱର ଓ ରାଉରକେଲା ଷ୍ଟାଡ଼ିୟମର ମରାମତି ଆଧୁନିକି କରଣ, ନିର୍ମାଣ ସହ ସହରୀ ସୌନ୍ଦର୍ଯ୍ୟ କରଣ ପାଇଁ ଏବଂ ହକି ଖେଳ ସମ୍ପୂର୍ଣ୍ଣ ହେବା ପାଇଁ କେତେ ଟଙ୍କା ଖର୍ଚ୍ଚ କରିବାର ଯୋଜନା ଅଛି କେଉଁ କେଉଁ ବାବଦକୁ ଖର୍ଚ୍ଚ ହେବ ଉତ୍ତର ଦେବେ କି ?

----

## ଧର୍ମଶାଳା ନିର୍ମାଣ

୫୫ **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା ଜିଲ୍ଲା ହରିପୁର ଗ୍ରାମରେ ତଥା ମା ଉଗ୍ରତାରାଙ୍କ ପୀଠରେ ରାଜସ୍ୱ ବିଭାଗ ପକ୍ଷରୁ ଏକ ଧର୍ମଶାଳା ନିର୍ମାଣ ପାଇଁ ପଦକ୍ଷେପ ନେବା ସହ ବୃନ୍ଦାବନପୁର, ହରିପୁର ମୌଜାରେ ଥିବା ମୁଣ୍ଡିଆକୁ ସୌନ୍ଦର୍ଯ୍ୟକରଣ ପାଇଁ କୌଣସି ବ୍ୟବସାୟୀକ ସଂସ୍ଥା ତରଫରୁ ନିକଟ ଭବିଷ୍ୟତରେ ନେବା ପାଇଁ ସରକାରଙ୍କଠାରେ ଦରଖାସ୍ତ କରିଛନ୍ତି କି, ଯେହେତୁ ମା ଉଗ୍ରତାରା ପୀଠ ଏକ ଧାର୍ମିକ ତଥା ପ୍ରସିଦ୍ଧ ପୀଠସ୍ଥଳୀ, ଏହାର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ ନିମନ୍ତେ ରାଜ୍ୟ ସରକାର ସୁଚିନ୍ତିତ ପଦକ୍ଷେପ ନେବା ପାଇଁ ପଦକ୍ଷେପ ନେବେ କି ?

----

## ଡ୍ରାଇଭରଙ୍କ ଦାବି ପୂରଣ

୫୨ **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ତା.୧୫.04.22 ରିଖ ଓଡିଶା ଡ୍ରାଇଭର ମହାସଂଘ ମୋହନା ଗଜପତି ଜିଲ୍ଲା ସେମାନଙ୍କର 11 ଦଫା ଦାବୀ ପୁରଣ ନିମନ୍ତେ ଜଣାଇବା ସହ ସେମାନଙ୍କର ଦାବୀଗୁଡ଼ିକୁ ୩ ମାସ ମଧ୍ୟରେ ପୁରଣ ନିମନ୍ତେ ପ୍ରତିଶୃତି ଦେଇଥିବା ସତ୍ୟ ଅଟେ କି, ଉତ୍ତର ହଁ ହେଲେ କେଉଁ କାରଣରୁ ଏଯାବତ୍ ୬ ମାସ ପୁରଣ ହୋଇଥିବାସ୍ଥଳେ ସେମାନଙ୍କର ଦାବୀ ପ୍ରତି କର୍ଣ୍ଣପାତ କରାଯାଇନାହିଁ, ଏଣୁ ଉପରୋକ୍ତ 11 ଦଫା ଦାବୀ ଅତିଶୀଘ୍ର ପୁରଣ ନିମନ୍ତେ ସରକାର କି ପଦକ୍ଷେପ ନେଇଛନ୍ତି ?

----

## ଆର୍ଥିକ ପ୍ରୋତ୍ସାହନ ଓ ପୁରସ୍କାର ପ୍ରଦାନର ନୀତି

୨୦ **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- State Youth Welfare Board ର ବିଭିନ୍ନ ଅନୁଷ୍ଠାନକୁ/ବ୍ୟକ୍ତି ବିଶେଷଙ୍କୁ ଆର୍ଥିକ ପ୍ରୋତ୍ସାହନ, ପୁରସ୍କାର ଦେବା ସକାଶେ କେଉଁ ନୀତି ଅବଲମ୍ବନ କରାଯାଉଛି ଏବଂ ମନୋନୟନର ପଦ୍ଧତି କଣ, ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବା ସହ ମୋହନା ନିର୍ବାଚନ ମଣ୍ଡଳୀ ପାଇଁ 2018 ଆର୍ଥିକ ବର୍ଷଠାରୁ ଏପର୍ଯ୍ୟନ୍ତ କି କି ବ୍ୟବସ୍ଥା ସହ ପଦକ୍ଷେପମାନ ଗ୍ରହଣ କରିଛନ୍ତି କିମ୍ବା କରିବାକୁ ଅଛି, ସେ ସମ୍ପର୍କିତ ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## ରାସ୍ତାକୁ ଜନସାଧାରଣଙ୍କ ବ୍ୟବହାର ଯୋଗ୍ୟ କରିବାକୁ ପଦକ୍ଷେପ

୨୧ **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଟଣୀ ତହସିଲ ଅଧିନସ୍ଥ କୁଦିଆରୀ ମୌଜା ଅଧିନରେ ଖାତା ନଂ.-1660 ଓ ପ୍ଲଟ ନଂ.-387 କିଶମ ରାସ୍ତା ଏରିୟା ଏ0.1200 ଡିସିମାଲ ପରିମିତ ଜମିକୁ ଯାହାକି ଶ୍ରୀ ଶ୍ରୀ କୁଡୁକେଶ୍ୱର ଦେବ ମନ୍ଦିରକୁ ଦର୍ଶନ ପାଇଁ ତଥା ସ୍କୁଲକୁ ପିଲାମାନେ ଯିବା ଆସିବା କରିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସରକାରଙ୍କ ନଜରରେ ଅଛି କି, ଉତ୍ତର ହଁ ହେଲେ ଉପରୋକ୍ତ ଜମିଟିକୁ ତୁରନ୍ତ ଚିହ୍ନଟ କରାଇ ଉପରୋକ୍ତ ଯିବା ଆସିବା ରାସ୍ତାଟିକୁ ଜନସାଧାରଣଙ୍କ ବ୍ୟବହାର ଜନିତ ଉତ୍ସର୍ଗିକୃତ କରାଇଲେ ଏଠାକାର ବାସିନ୍ଦା ବହୁ ଉପକୃତ ହୋଇପାରନ୍ତେ ସରକାର ଏଥିପ୍ରତି ପଦକ୍ଷେପ ନେବେ କି ?

----

## ଜବରଦଖଲ ହୋଇଥିବା କେନାଲ ଉଚ୍ଛେଦ

୨୨ **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଧଉଳି ପଞ୍ଚାୟତ ଅଧିନସ୍ଥ ସାଧୁ ବିହାର ସଂଲଗ୍ନ କେନାଲକୁ ଅସାଧୁ ବ୍ୟକ୍ତି ଜବରଦଖଲ କରିବା ସତ୍ୟ କି, ବାରମ୍ବାର ବିଧାନସଭା ପ୍ରଶ୍ନ ମାଧ୍ୟମରେ ବିଭାଗ ଦୃଷ୍ଟିକୁ ଆଣିବା ସତ୍ତ୍ୱେ କେଉଁ ଅସାଧୁ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ଉଚ୍ଛେଦ କରାଯାଉନାହିଁ, ନିର୍ଦ୍ଦିଷ୍ଟ ଭାବେ କେବେସୁଧା ଧଉଳି ପଞ୍ଚାୟତ ଅଧିନରେ ଜବରଦଖଲ କେନାଲ ଉଚ୍ଛେଦ ହେବ ଜଣାଇବେ କି ?

----

## କେନାଲ ବନ୍ଧରାସ୍ତା ମରାମତି

୨୩ **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୁନ୍ଦରପଦାଠାରୁ ବାହାଦଲପୁର କେନାଲ ବନ୍ଦ ରାସ୍ତା କେତେ ଟଙ୍କା ବିନିମୟରେ କେବେ କେଉଁ କଣ୍ଟ୍ରାକ୍ଟରଙ୍କ ମାଧ୍ୟମରେ କାମ ହୋଇଥିଲା ଏବଂ କେଉଁ ନାମଧାରୀ J.E. କାର୍ଯ୍ୟ ତଦାରଖ କରିଥିଲେ, ଉକ୍ତ ରାସ୍ତାର ବର୍ତ୍ତମାନ ସ୍ଥିତି କଣ, ରାସ୍ତା ଏତେଶୀଘ୍ର ଖରାପ ହେବା ପାଇଁ ଦାୟୀ କିଏ, କେବେସୁଧା ଉକ୍ତ ରାସ୍ତା ମରାମତି ହେବ ଜଣାଇବେ କି ?

----

## ବେଆଇନ ଜବରଦଖଲ ହୋଇଥିବା ଜମି ଉଚ୍ଛେଦ କରିବା ପାଇଁ ପଦକ୍ଷେପ

୨୪ **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭୁବନେଶ୍ୱର ତହସିଲ ଅଧିନସ୍ଥ ପାତ୍ରପଡା ମୌଜା ସରକାରୀ ଜମି Pl. No.-321, ଖାତା ନଂ.-780, 80 ଏକର 797 ଡିସିମିଲ ମଧ୍ୟରୁ 7 ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମି ବେଆଇନ ଜବରଦଖଲ ହୋଇଥିବା ସରକାରଙ୍କ ଦୃଷ୍ଟିରେ ଥିଲେ ମଧ୍ୟ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ସରକାର କଣ କଣ ପଦକ୍ଷେପ ନେଇଛନ୍ତି, ଉକ୍ତ ଜମି ଉପରେ B.D.A. ପ୍ଲାନ ଦେଇଛି ନା ବିନା ପ୍ଲାନରେ ନିର୍ମାଣ ହୋଇଛି, ଉଚ୍ଛେଦ ନ କରିବାର କାରଣ କଣ, କେବେସୁଧା ଉଚ୍ଛେଦ ହେବ ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି ?

----

## ପଟ୍ଟା ପ୍ରଦାନ ପାଇଁ ବ୍ୟବସ୍ଥା

୨୫ **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା ଜିଲ୍ଲା ଜଟଣୀ ଟାଉନ ଖାସ ମହଲରୁ କେତେ ବ୍ୟକ୍ତିଙ୍କୁ ଜମି ପଟ୍ଟା ମିଳିଛି ଏବଂ କେତେ ବ୍ୟକ୍ତି ପଟ୍ଟା ପାଇନାହାଁନ୍ତି ତାର କାରଣ କଣ, ପଟ୍ଟା ପାଇନଥିବା ବ୍ୟକ୍ତିଙ୍କ ମଧ୍ୟରେ ଶହେ ବର୍ଷରୁ ଉର୍ଦ୍ଧ୍ୱ ବିଧବା ମହିଳା ଏବଂ ବହୁ ବିଧବା ମହିଳା ଥିବାରୁ ଉକ୍ତ ବ୍ୟକ୍ତିମାନେ ପଟ୍ଟା ପାଇବା ପାଇଁ ସରକାର କଣ ବ୍ୟବସ୍ଥା କରିଛନ୍ତି, ନିର୍ଦ୍ଦିଷ୍ଟ ଭାବେ ପଟ୍ଟା ପାଇନଥିବା ବ୍ୟକ୍ତିମାନେ କେବେସୁଧା ପଟ୍ଟା ପାଇବେ ଜଣାଇବେ କି ?

----

## ନଦୀରେ ପ୍ରବାହିତ ଜଳର ପରିମାଣ

୨୬ **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀରେ ଗ୍ରୀଷ୍ମ ଓ ବର୍ଷାଦିନରେ କେତେ ପରିମାଣରେ ଜଳ ପ୍ରବାହିତ ହେଉଛି ଏଥିରୁ କୃଷି, ପାନୀୟ ଜଳ ଓ ଶିଳ୍ପ ପାଇଁ କେତେ ଜଳ ବ୍ୟବହାର ହେଉଛି ତାହାର ନଦୀୱାରୀ ତାଲିକା ପ୍ରଦାନ କରିବେ ?

----

## ଟାଉନ ବସର ସଂଖ୍ୟା

୨୭ **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୁନ୍ଦରଗଡ ଟାଉନଠାରୁ ଝାରସୁଗୁଡା ଟାଉନ ଭାୟା ଝାରସୁଗୁଡା ବିମାନ ବନ୍ଦର ଓ ଝାରସୁଗୁଡା ରେଲୱେ ଷ୍ଟେସନ ଦେଇ କେତୋଟି ଟାଉନ ବସ ଗତାଗତ କରୁଛି ଯଦି ନା ଟାଉନ ବସ ଚଳାଇବା ପାଇଁ ଯୋଜନା କରିବେ କି ?

----

## ଘରୋଇ କମ୍ପ୍ୟୁଟର ସଂସ୍ଥା ସହାୟତାରେ ପୋର୍ଟାଲ ପ୍ରସ୍ତୁତି

୨୫ **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାରଙ୍କ କେଉଁ କେଉଁ ବିଭାଗ ଘରୋଇ କମ୍ପ୍ୟୁଟର ସଂସ୍ଥା ସହାୟତାରେ ସେମାନଙ୍କର ପୋର୍ଟାଲ ପ୍ରସ୍ତୁତି ଓ ପରିଚାଳନା କରୁଛନ୍ତି, ଏହିସବୁ ବିଭାଗଗୁଡିକର ନାମ ଓ ସେମାନେ ଏ ବାବଦରେ ବ୍ୟୟ କରିଥିବା ଅର୍ଥ ସଂକ୍ରାନ୍ତରେ ଉଲ୍ଲେଖ କରିବେ, ଘରୋଇ ସଂସ୍ଥା ହାତରେ ସରକାରୀ ପୋର୍ଟାଲ ଦାୟିତ୍ୱ ରହିଲେ ତାହା କେତେ ଦୂର ସୁରକ୍ଷିତ ଉଲ୍ଲେଖ କରିବେ ?

----

## ଆର୍ନ୍ତଜାତୀୟ ହକି ଷ୍ଟାଡିୟମର ସ୍ଥିତି

୨୨ **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୁନ୍ଦରଗଡ ଜିଲ୍ଲାରେ ନିର୍ମାଣଧିନ ଆର୍ନ୍ତଜାତୀୟ ହକି ଷ୍ଟାଡିୟମର ବର୍ତ୍ତମାନ ସ୍ଥିତି କଣ, ଏବାବଦରେ ବର୍ତ୍ତମାନ ସୁଦ୍ଧା କେତେ ଟଙ୍କା ଖର୍ଚ୍ଚ ହୋଇସାରିଲାଣି ଓ କେବେ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହେବ, ସୁନ୍ଦରଗଡ ଜିଲ୍ଲାରେ ୨୦୨୩ ହକି ବିଶ୍ୱକପ ପାଇଁ କି ପ୍ରକାର ପ୍ରସ୍ତୁତି ହୋଇଛି, ସୁନ୍ଦରଗଡ ଜିଲ୍ଲାରେ କେତୋଟି ମ୍ୟାଚ ଖେଳାଯିବାର ଯୋଜନା ରହିଛି ?

----

## ଡୁଆଣ୍ଟ ନଦୀ ଉପରେ Instream Storage Structure ନିର୍ମାଣ

100 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଓଡ଼ଗାଁ ବ୍ଲକର ବଡଗୋରଡା ପଞ୍ଚାୟତର ବିଲିଗୋରଡା ପାଟୁଲିସାହି ଠାରେ ଡୁଆଣ୍ଟ ନଦୀ ଉପରେ ଗୋଟିଏ Instream Storage Structure ନିର୍ମାଣ କରିବା ବିଷୟରେ ପଚାରିଥିବା ଅଣତାରକା ପ୍ରଶ୍ନ ସଂଖ୍ୟା ୨୫୦୭ ତା.୨୧.୦୭.୨୦୨୨ ରିଖର ଉତ୍ତର ଥିଲା ସର୍ଭେ ଓ ଅନୁସନ୍ଧାନ କାର୍ୟ୍ୟ ପରେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ଇତି ମଧ୍ୟରେ ଏ ଦିଗରେ କଣ ଅଗ୍ରଗତି ହୋଇଛି ଏବଂ କେବେ ସୁଦ୍ଧା ବିଲିଗୋରଡା ପାଟୁଲିସାହି ଠାରେ ଡୁଆଣ୍ଟ ନଦୀରେ Instream Storage Structure ନିର୍ମାଣ କରାଯିବ ଜଣାଇବେ କି ?

----

## ହରିଡାବନ୍ଧ MIP କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁର

101 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀର ରଣପୁର ବ୍ଲକ ଅନ୍ତର୍ଗତ ଦର୍ପନାରାୟଣପୁର ପଞ୍ଚାୟତର ଲୁଣି ସାହି ସ୍ଥିତ ହରିଡାବନ୍ଧ MIP ର ନିର୍ମାଣ କାର୍ଯ୍ୟ ଚାଲୁଅଛି, ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ Under Ground Pipe Line Project ଜରିଆରେ ଆବଶ୍ୟକ ଅର୍ଥ ମଞ୍ଜୁର କରାଗଲେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସମ୍ପୃକ୍ତ ଅଞ୍ଚଳର ଜମି ଜଳସେଚିତ ହେବା ସହିତ ଚାଷୀ ମାନେ ବିଶେଶ ଉପକୃତ ହେବେ, Under Ground Pipe Line Project ଜରିଆରେ ହରିଡାବନ୍ଧ MIP କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ଅର୍ଥ ମଞ୍ଜୁର କରିବାକୁ ସରକାରୀ ସ୍ତରରେ ବ୍ୟବସ୍ଥା କରିବେ କି ?

----

## ସରକାରୀ ବସ ଚଳାଚଳ କରିବା ପାଇଁ ବ୍ୟବସ୍ଥା

102 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣପୁର ବ୍ଲକର ଆଦିବାସୀ ବହୁଳ ବଣଜଙ୍ଗଲ ଘେରା ବନ୍ଧମୁଣ୍ଡା, ପଟିଆ ରାଇପଡା ଆଦି ୧୨ - ୧୪ ଗୋଟି ପଞ୍ଚାୟତକୁ ଗମନାଗମନର କୌଣସି ବ୍ୟବସ୍ଥା ନ ଥିବାରୁ ଜନସାଧାରଣ ଯାତାୟତ କରିବା ପାଇଁ ଘୋର ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି, ସେମାନେ ଗୋପାଳପୁର ଠାରୁ ୨୦ - ୩୦ କି.ମି. ରାସ୍ତା ଅତିକ୍ରମ କରି ଚାଲି, ଚାଲି ନିଜ ଗ୍ରାମକୁ ଯାଇଥାନ୍ତି, ଏଣୁ ବନ୍ଧମୁଣ୍ଡା ଅଞ୍ଚଳର ଜନସାଧାରଣଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ଭୁବନେଶ୍ୱର ଠାରୁ ଚାନ୍ଦପୁର ଓ ଗୋପାଳପୁର ଦେଇ ବନ୍ଧମୁଣ୍ଡା ପର୍ଯ୍ୟନ୍ତ ଗୋଟିଏ ସରକାରୀ ବସ ଚଳାଚଳ କରିବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରିବେ କି ?

----

## ଡ୍ରାଇଭର ମାନଙ୍କ ପାଇଁ Life Insurance ବ୍ୟବସ୍ଥା

103 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସଡକ ଦୁର୍ଘଟଣାରେ ଜୀବନ ହରାଉଥିବା ଡ୍ରାଇଭରମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ Life Insurance ବ୍ୟବସ୍ଥା କରିବା ଦିଗରେ ପଦକ୍ଷେପ ନେବେ କି, ପ୍ରତି ୧୦୦ କିଲୋମିଟର ବ୍ୟବଧାନରେ ରାସ୍ତାପାର୍ଶ୍ୱରେ ଡ୍ରାଇଭରଙ୍କ ନିମନ୍ତେ ଆଶ୍ରୟସ୍ଥଳୀ, ଶୌଚାଳୟ ଏବଂ ପାନୀୟଜଳ ବ୍ୟବସ୍ଥା କରିବା ଦିଗରେ ପଦକ୍ଷେପ ନେବେ କି ?

----

## ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ

104 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଙ୍କୀ ନିର୍ବାଚନ ମଣ୍ଡଳୀର ବାଙ୍କୀ ବ୍ଲକ ଅନ୍ତର୍ଗତ ଗୋଳାଗଣ୍ଡ ଏବଂ ବାଉଁଶପୁଟ ଏବଂ ଡମପଡା ବ୍ଲକ ଅନ୍ତର୍ଗତ ପାଥପୁର ଠାରେ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ବହୁ ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ହେଁ ଅଦ୍ୟାବଧି ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନଥିବା ଅତ୍ୟନ୍ତ କ୍ଷୋଭର ବିଷୟ, ଏଣୁ ଉପରୋକ୍ତ ୩ଟି ସ୍ଥାନରେ ଯଥାଶୀଘ୍ର ଆଶ୍ରୟସ୍ଥଳୀ ନିର୍ମାଣ କରିବା ଦିଗରେ ପଦକ୍ଷେପ ନେବେ କି ?

----

## ମହାନଦୀରେ Instream Water Storage Structure ନିର୍ମାଣ

105 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଙ୍କୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣ ଓ କାଳିଗିରିଠାରେ ମହାନଦୀରେ Instream Water Storage Structure ନିର୍ମାଣ ନିମନ୍ତେ ପୂର୍ବରୁ ବିଧାନସଭାରେ ପ୍ରଶ୍ନ ଉତ୍ଥାପନ କରିଥିଲେ ହେଁ, ଅଦ୍ୟାବଧି ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନଥିବା ବିଷୟରେ ସରକାର ଅବଗତ ଅଛନ୍ତି କି, ଏହି ପ୍ରୋଜେକ୍ଟ କରାଗଲେ ସ୍ଥାନୀୟ ଚାଷ ଜମିରେ ଜଳସେଚନ ସୁବିଧା ଅନ୍ୟୁନ୍ ୩୫% ଚାଷ ଜମିକୁ ଯୋଗାଇ ଦିଆଯାଇପାରିବ ଓ ତତ ସଙ୍ଗେ ସଙ୍ଗେ ଗାଈ, ଗୋରୁ ଇତ୍ୟାଦି ପଶୁମାନଙ୍କ ପାଇଁ ପାନୀୟ ଜଳ ଏବଂ ମାଛ ଚାଷ କରିଥିବା ହିତାଧିକାରୀଙ୍କ ପୋଖରୀକୁ ଜଳଯୋଗାଣ କରାଯାଇପାରିବ, ଏଣୁ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବେ କି ?

----

## R.P.D.A.C. ର ବୈଠକ ସମ୍ପର୍କରେ

106 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବୋନାଇ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ସରକାରଙ୍କ ନିର୍ଦ୍ଦେଶ ୦୬.07.2006 ମୁତାବକ ରାଜ୍ୟର ବିଭିନ୍ନ ପ୍ରକଳ୍ପ ନିମନ୍ତେ ଥଇଥାନ ଓ ଉପାନ୍ତ ଅଞ୍ଚଳ ଉନ୍ନୟନ ପରାମର୍ଶ ଦାତା କମିଟି (R.P.D.A.C) କେତେଗୋଟି ଗଠନ କରାଯାଇଛି, ଉକ୍ତ କମିଟି କେଉଁ ତାରିଖରେ ଗଢାଯାଇଛି, ସେ ଗୁଡିକ କେତେବର୍ଷ ପାଇଁ, ତାର ପୁନଃଗଠନ କେଉଁଠାରେ ହୋଇଛି କି ; ( ଖ) ଗୋପାଳପୁର ଟାଟା ଇସ୍ପାତ କାରଖାନା ପାଇଁ ଗଠିତ କମିଟିର ତାରିଖ ଜଣାଇବା ସହ କେତେଥର ବୈଠକ ଅନୁଷ୍ଠିତ ହୋଇଛି, ଯଦି ନିୟମାନୁଯାୟୀ ହୋଇନାହିଁ ତା'ର କାରଣ ଓ ସେଥିପାଇଁ ଦାୟୀ କିଏ, ଉକ୍ତ କମିଟି କେବେ Re-constitute ହେବ, ବା ହୋଇଥିଲା, ଉକ୍ତ କମିଟିରେ ବାପ-ପୁଅ ଥିବା ଅଭିଯୋଗ ସତ୍ୟ କି, ଏହା କେଉଁ ନିୟମ ପ୍ରକାରେ, ଗତ ଦୁଇଟି ବୈଠକର ନିଷ୍ପତ୍ତିର ଏକ କପି ଯୋଗାଇବେ କି, କେବେସୁଦ୍ଧା କମିଟି ପୁଣି ବୈଠକ ହେବ ?

----

## ଜମି ଯୋଗାଣ

107 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବୋନାଇ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଦୀପକ ଫରଟିଲାଇଜର (Fertilizer) & ପେଟ୍ରୋକେମିକାଲ ପ୍ରୋଜେକ୍ଟ କେତେ ଜମିରେ ତିଆରି ହୋଇଛି, ସରକାର ଏହାକୁ କେବେ ଓ କେତେ ଜମି ଯୋଗାଇଛନ୍ତି, ନଭେମ୍ବର 2010 ଠାରୁ ଏହା ରାଜ୍ୟକୁ କେତେ ରାଜସ୍ୱ (Royality) ଦେଇଛି ; (ଖ) ଗଞ୍ଜାମ ଜିଲ୍ଲା (ଛତ୍ରପୁର) ଅଞ୍ଚଳରେ ଦୀପକ ଫରଟିଲାଇଜର କମ୍ପାନୀକୁ କେତେ ଜମି ଆବଶ୍ୟକ, ସରକାର କେବେ କେତେ ଜମି ଦେବାକୁ ସ୍ଥିର କରିଛନ୍ତି, ସରକାରୀ ସ୍ତରରେ କ'ଣ ନିଷ୍ପତ୍ତି ନିଆଯାଇଛି, ଏହାର ଏମ୍.ଓ.ୟୁ ହୋଇଛି କି ?

----

## ମଞ୍ଜୁରୀ ପ୍ରାପ୍ତ ପଦବୀ ପୂରଣ

108 **ଶ୍ରୀ ନରସିଂହ ମିଶ୍ର (ବଲାଙ୍ଗୀର ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଲାଙ୍ଗୀର ଜିଲ୍ଲାରେ ରାଜସ୍ୱ ଅଧିକାରୀ ଓ ରାଜସ୍ୱ ନିରକ୍ଷକମାନଙ୍କର ମଞ୍ଜୁରୀ ପ୍ରାପ୍ତ କେତେ ପଦବୀ ଅଛି ଓ ତନ୍ମଧ୍ୟରୁ କେତେ ପଦବୀ ଖାଲିଅଛି ଓ କେବେ ସୁଦ୍ଧା ଖାଲିଥିବା ପଦବୀ ଗୁଡ଼ିକ ପୂରଣ କରାଯିବ ?

----

## Number of Landless Farmers

109 **ଶ୍ରୀ ନରସିଂହ ମିଶ୍ର (ବଲାଙ୍ଗୀର ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (a) What is the meaning of Landless farmers, How many Landless farmers are there in Odisha district-wise information may be furnished; and (b) Under OLR Act, whether a farmer can induct on Bhaga Chasi or allow anybody to possess the land as share ; If law probhits to possess land as share croppers, Why the Govt. is not taking action ?

----

## ଜମିକୁ ରାଜସ୍ୱ ବିଭାଗ ତା ଖାତାକୁ ଆଣିବା ସମ୍ପର୍କରେ

110 **ଶ୍ରୀମତୀ ସୁନନ୍ଦା ଦାସ (ବରି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରସୁଲପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ଗ୍ରା.ପ. ର ଚାନ୍ଦପୁର ମୌଜାରେ ଜଳସେଚନ ବିଭାଗ ଅଧିନରେ 13 ଏକର ୬୨ ଡିସିମିଲ୍ ଜମି ପଡିରହିଛି, ସମ୍ପୃକ୍ତ ଗ୍ରା.ପ. ରେ ଉନ୍ନୟନ ମୂଳକ କାର୍ଯ୍ୟ କରିବାକୁ ରାଜସ୍ୱ ବିଭାଗରେ କୌଣସି ଜମି ନାହିଁ, ଉପରୋକ୍ତ ଜମି ଜଳସେଚନ ବିଭାଗର କୌଣସି କାର୍ଯ୍ୟରେ ଆସୁନାହିଁ, ରାଜସ୍ୱ ବିଭାଗ ତା ଖାତାକୁ ଆଣିବାକୁ ଦାବୀ ଉପରେ ସରକାର ହସ୍ତକ୍ଷେପ କରିବେ କି ?

----

## ଦଲିଲ ଓ ପଟ୍ଟା ରଦ୍ଦ କରିବା ସମ୍ପର୍କରେ

111 **ଶ୍ରୀମତୀ ସୁନନ୍ଦା ଦାସ (ବରି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରସୁଲପୁର ବ୍ଲକ ଅଧୀନ ରାଉତରାପୁର ଗ୍ରା.ପ. ରେ ସରକାରଙ୍କ ନିର୍ମାଣାଧିନ ସ୍କୁଲ, L.I. ସେଣ୍ଟର, AWC Building, RWSS ର Overhead Tank, Rural Hat ଥିବା ପ୍ଲଟ ଗୁଡିକୁ ଜବରଦଖଲ କରି ବନ୍ଦୋବସ୍ତରେ ସେମାନଙ୍କ ନାମରେ କରିଦେଇ ତାକୁ ବିକ୍ରୀ କରିଥିବା ଖବର ସରକାରଙ୍କ ନିକଟରେ ଖବର ଅଛି କି, ଯଦି 'ହଁ' ତାହେଲେ ସମ୍ପୃକ୍ତ ଦଲିଲ ଓ ପଟ୍ଟାକୁ ରଦ୍ଦ କରିବାକୁ ବିଚାର କରିବେ କି ?

----

**The details information of Sale Deeds**

112 **ଶ୍ରୀ ଶଙ୍କର ଓରାମ୍ (ବୀରମିତ୍ରପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- The details information of Sale Deeds, Conveyance Deeds and Gift Deeds executed from 1st January, 2016 to as on date in the SR-Khandagiri, Bhubaneswar pertaining to allotment of residential plots by G.A. & P.G. Deptt. in drawing Nos. B-361 (Plot No.1 to 441), Drawing No. B-360 (Plot No. 1 to 541), Drawing No. B-371 (Plot No. 1 to 946), Drawing No. B-372 (Plot No. 1 to 660), Drawing No. B-1082 (Plot No. 948 to 1079), Drawing No. B-1083 (Plot No. 659 to 864) of Mouza Ghatikia and in the Drawing No. B-367 (Plot No. 1 to 981) of Mouza Bharatpur and Sampur, BBSR with detail conveyance Deed, Sale Deed and Gift Deed Nos. of each of the above plots, including names & Addresses of the Buyers, Sellers, Revenue Hal plot nos. and Rev. Hal Khata Nos. along with BMV be furnished ?

----

**Details Information of Sale Deeds as well as Gift Deeds**

113 **Shri. Shankar Oram (Biramitrapur):**

Will the Minister for **Revenue and Disaster Management** be pleased to state that:-:- The details information of Sale Deeds & Conveyance Deeds as well as Gift Deeds executed from the month of 1st March, 2016 to as on date in the SR-Khandagiri, Bhubaneswar pertaining to allotment of different residential plots by G.A. & P.G. Deptt. in different Drawing Nos. B-150 (from plot No.1 to 195), B-131 (from plot No. 1 to 233), B-132 (from each of plot No.1 to 662), B-1161 (from plot No. 1 to 162), Mouza Chandrasekharpur, Bhubaneswar with detail Conveyance Deed & Sale Deed as well as Gift Deed Nos. of each of the above plots, including names & Addresses of the Buyers, Sellers with Bench Mark valuation be furnished ?

----

## ପଟ୍ଟା ପ୍ରଦାନ ବିଳମ୍ବ

114 **ଶ୍ରୀ ରଘୁନନ୍ଦନ ଦାସ (ବାଲିକୁଦ-ଏରସମା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭୁବନେଶ୍ୱର ସବ୍ ରେଜିଷ୍ଟ୍ରର କାର୍ଯ୍ୟାଳୟରେ ରୋକଟ ମୌଜାରେ Application No.1082214742 ଏବଂ Mutation Case No.38599/2022 ରେ କ୍ରେତା ମାନେ ଦୀର୍ଘଦିନରୁ ଜମି କିଣିଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କ ନାମରେ ପଟ୍ଟା ନ ମିଳିବାର କାରଣ କ'ଣ, ଜଣାଇବା ସହ ଏଥିପ୍ରତି କି କି ପଦକ୍ଷେପ ନେଇଛନ୍ତି ଜଣାଇବେ କି ?

----

## ସମସ୍ତ ବ୍ଲକ ଗୁଡିକରେ ମିନି ଷ୍ଟାଡିୟମ ନିର୍ମାଣ ସମ୍ପର୍କରେ

115 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ସମସ୍ତ ବ୍ଲକ ଗୁଡିକରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ସରକାର ନେଇଥିବା ନିଷ୍ପତ୍ତିର ବର୍ତ୍ତମାନ ସ୍ଥିତି କ'ଣ, କେତେ ବ୍ଲକରେ ମିନି ଷ୍ଟାଡିୟମ ନିର୍ମାଣ ସରିଲାଣି ଓ କେଉଁ କେଉଁ ବ୍ଲକରେ ଏହା ଆରମ୍ଭ ହୋଇପାରିନାହିଁ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି, କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଓ ପଟ୍ଟାମୁଣ୍ଡାଇ ବ୍ଲକରେ ଷ୍ଟାଡିୟମ ନିର୍ମାଣ କେବେ ସମାପ୍ତ ହୋଇ ଯୁବତୀ ଓ ଯୁବକ ମାନଙ୍କ ସେବାରେ ଲାଗିପାରିବ ?

----